# ତତ୍ପରେ ଯୀଶୁ ଆସିଲେ ଓ ଡାକିଲେ

ସାଧୁ ଯୋହନ, 11ଶ ପର୍ବ, 18ଶ ପଦରୁ ଆରମ୍ଭ କରି, ମୁଁ ପଢ଼ିବାକୁ ଚାହେଁ।

*ବେଥନିଆ ଯିରୂଶାଲମର ନିକଟରେ ଥିଲା, ପ୍ରାୟଃ ଏକ କୋଶ ଦୂରରେ:*

*ଆଉ ଯିହୂଦୀମାନଙ୍କର ମଧ୍ୟରୁ ଅନେକେ ମାର୍ଥା ଓ ମରିୟମଙ୍କ ନିକଟକୁ ଆସି, ସେମାନଙ୍କ ଭାଇ ବିଷୟରେ ସାନ୍ତ୍ୱନା ଦେଇଥିଲେ।*

*ସେଥିରେ ମାର୍ଥା, ଯୀଶୁ ଆସୁଥିବାର ଶୁଣିବା ମାତ୍ରେ ଯାଇ ତାହାଙ୍କୁ ଭେଟିବାକୁ ଗଲେ, କିନ୍ତୁ ମରିୟମ୍ ଗୃହରେ ବସି ରହିଲେ।*

*ଏହାପରେ ମାର୍ଥା ଯୀଶୁଙ୍କୁ କହିଲେ, ପ୍ରଭୋ, ଯଦି ଆପଣ ଏଠାରେ ଥାଆନ୍ତେ, ମୋହର ଭାଇ ମରି ନ ଥାଆନ୍ତା।*

*କିନ୍ତୁ ମୁଁ ଜାଣେ, ଯେ ଏବେସୁଦ୍ଧା, ଆପଣ ଯାହାକିଛି ମାଗିବେ... ପରମେଶ୍ୱରଙ୍କୁ, ପରମେଶ୍ୱର ତାହା ଆପଣଙ୍କୁ ଦେବେ।*

*ଯୀଶୁ ତାଙ୍କୁ କହିଲେ, ତୁମ୍ଭର ଭାଇ ପୁଣି ଉଠିବ।*

*ମାର୍ଥା ତାହାଙ୍କୁ କହିଲେ, ମୁଁ ଜାଣେ ଯେ ସେ ଶେଷଦିନରେ ପୁନରୁତ୍‌ଥାନରେ ଉଠିବ।*

*ଯୀଶୁ ତାଙ୍କୁ କହିଲେ, ମୁଁ ପୁନରୁତ୍‌ଥାନ, ଓ...ଜୀବନ: ଯେ ମୋଠାରେ ବିଶ୍ୱାସ କରେ, ସେ ଯଦ୍ୟପି ମରେ, ତଥାପି ସେ ବଞ୍ଚିବ:*

*ପୁଣି ଯେକେହି ବଞ୍ଚେ ଓ ମୋଠାରେ ବିଶ୍ୱାସ କରେ, ସେ କଦାପି କେବେହେଁ ମରିବ ନାହିଁ। ଏହା କଅଣ ବିଶ୍ୱାସ କରୁଅଛ?*

*ସେ ତାହାଙ୍କୁ କହିଲା, ହଁ, ପ୍ରଭୋ: ମୁଁ ବିଶ୍ୱାସ କରେ ଯେ ଆପଣ ପରମେଶ୍ୱରଙ୍କ ପୁତ୍ର, ସେହି ଖ୍ରୀଷ୍ଟ, ଯାହାଙ୍କର ଜଗତକୁ ଆସିବାର ଥିଲା।* (ଆଉ ତାହା ନିରୀକ୍ଷଣ କରନ୍ତୁ!)

*ଏହା କହିଲା* ଉତ୍ତାରେ, *ସେ ଯାଇ ଆପଣା ଭଉଣୀ ମରିୟମଙ୍କୁ, ଗୋପନରେ ଡାକି, କହିଲେ, ଗୁରୁ ଆସିଲେଣି, ଆଉ ତୋତେ ଡାକୁଛନ୍ତି।*

2 ଆସନ୍ତୁ ପ୍ରାର୍ଥନା କରିବା। ସ୍ୱର୍ଗସ୍ଥ ପିତା, ଆଜି ରାତିରେ, ସେହି ବାକ୍ୟଗୁଡ଼ିକୁ ଆମ ହୃଦୟରେ ନିଶ୍ଚିତ କର, ଯେହେତୁ ଆମେ ତୁମଠାରେ ଅପେକ୍ଷା କରୁଅଛୁ। ତୁମର ବାକ୍ୟ, ତୁମର ସେବକ, ଏବଂ ଶାସ୍ତ୍ରାଂଶ, ସବୁକିଛି ଯୀଶୁ ଖ୍ରୀଷ୍ଟଙ୍କ ନାମରେ ତୁମ ନିକଟରେ ସମର୍ପିତ ଅଟେ। ଆମେନ୍।

ଆପଣମାନେ ବସି ପାରନ୍ତି ।

3 ଏଠାରେ ମୋର ରହିବାର ଉଦ୍ଦେଶ୍ୟ ହେଉଛି ପରମେଶ୍ୱରଙ୍କ ଲୋକଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିବା । ପ୍ରାର୍ଥନା କରିବା ଏବଂ ରୋଗୀମାନଙ୍କ ଉପରେ ହାତ ରଖିବା ପରି ସେତିକି ନୁହେଁ, ମାତ୍ର ଯେପରିକି ସେମାନେ ଆମ ମଧ୍ୟରେ ଯୀଶୁ ଖ୍ରୀଷ୍ଟଙ୍କୁ, ଆମ ମଧ୍ୟରେ ପରମେଶ୍ୱରଙ୍କ ପୁତ୍ରଙ୍କୁ ଚିହ୍ନିପାରନ୍ତି । ଆଜି ରାତି ଆମେ ଏହି ବିଷୟ ଉପରେ କହୁଅଛୁ: *ତତ୍ପରେ ଯୀଶୁ ଆସିଲେ ଓ ଡାକିଲେ ।*

4 ବର୍ତ୍ତମାନ ଏହି ସମୟଟି ଯାହା ବିଷୟରେ ଆମେ କହୁଛୁ, ଏହା ଅତ୍ୟନ୍ତ ଦୁଃଖଦ ସମୟ ଥିଲା । ଯଦି ଆପଣ କେବେ ଆମ ପ୍ରଭୁଙ୍କ ଜୀବନରେ ଥିବା କାହାଣୀ ପଢ଼ିଛନ୍ତି, ଆମେ ପାଉ ଯେ ସେ ଏହି ବାଳକ, ଲାଜାରଙ୍କ ଜଣେ ମହାନ ବନ୍ଧୁ ଥିଲେ । ସେ ଥିଲେ...ଯୋଷେଫ ଯିବା ପରେ, କିମ୍ୱା, ସେ ଚାଲି ଯାଇଥିଲେ ଏବଂ ମାର୍ଥା, ମରିୟମ ଏବଂ ଲାଜାରଙ୍କ ସହିତ ରହିବାକୁ ଆସିଥିଲେ । ଏବଂ ସେମାନେ ବହୁତ ଭଲ ବନ୍ଧୁ ଥିଲେ । ସେମାନଙ୍କର ଥିଲା...ସେ ସେମାନଙ୍କ ପାଇଁ ଜଣେ ପାଳକ ପରି ଥିଲେ, ଜଣେ—ଜଣେ ପ୍ରକୃତ ବନ୍ଧୁ । ଏବଂ ତାହାଙ୍କ ପିନ୍ଧିବା ନିମନ୍ତେ ଛୋଟ ଜିନିଷଟିଏ ତିଆରି କରିଥିଲେ, ପିନ୍ଧିବା ପାଇଁ ଏକ ଅଙ୍ଗରଖା, ମୁଁ ବିଶ୍ୱାସ କରେ, ସେମାନେ ଦାବି କରନ୍ତି, ପୁଣି ଏହା ସିଲାଇ ବିନା ସର୍ବତ୍ର ବୁଣା ଯାଇଥିଲା । ଆଉ ତେବେ ସେମାନେ ତାଙ୍କ ପାଇଁ କିଛି କରିଥିଲେ, କାରଣ ସେମାନେ ତାହାଙ୍କ ଠାରେ ବିଶ୍ୱାସ କରୁଥିଲେ । ଏହା ସେମାନେ ଥିଲେ—ସେମାନେ ବିଶ୍ୱାସ କରିଥିଲେ ଏବଂ ତାହା ଦେଖିଥିଲେ । ସେମାନେ ତାହାଙ୍କୁ ଅନୁସରଣ କରିବା ପାଇଁ ମଣ୍ଡଳୀ, ଆଉ ପ୍ରଭୃତି ପରିତ୍ୟାଗ କରିଥିଲେ । ଏବଂ ସେ ଦିନରେ, ମଣ୍ଡଳୀରୁ ଦୂରେଇ ଯିବା—ଯିବା ଏକ ବଡ଼ ବିଷୟ ଥିଲା, ଯାହାର ଦଣ୍ଡ ଏପରିକି ମୃତ୍ୟୁ ମଧ୍ୟ ହୋଇପାରିଥାନ୍ତା ।

5 କିନ୍ତୁ, ଯୀଶୁ, ଏହି ବ୍ୟକ୍ତିଜଣକ ଯେପରିକି ସେମାନେ ଦାବି କରିଥିଲେ, ଯିଏକି ଚାରିଆଡେ ଯାଇ ସେମାନଙ୍କ ମଣ୍ଡଳୀଗୁଡ଼ିକୁ ତଳିତଳାନ୍ତ କରି ପକାଉଥିଲେ, ଏବଂ ସେମାନଙ୍କର ଯାଜକ ବିଷୟରେ କଟୁକଥା କହୁଥିଲେ, ଏବଂ—ଏବଂ ଏହିପରି ପ୍ରଭୃତି, ସେମାନେ ଭାବୁଥିଲେ ଯେ ସେ କରିଥିଲେ—ସେ ସେମାନଙ୍କର ବହୁତ ବଡ କ୍ଷତି କରିଛନ୍ତି । ଏବଂ—ଏବଂ ତାଙ୍କୁ ସ୍ୱୀକାର କରିବା ଅର୍ଥ—ସମାଜଗୃହରୁ ବାହାର କରାଯିବା ଥିଲା । ଆଉ ତାହାପରେ ଯଦି ଆପଣ ମଣ୍ଡଳୀରୁ ବାହାରି ଯାଇଛନ୍ତି, ସେମାନେ—ସେମାନେ ଭାବିଥିଲେ ଯେ ଆପଣଙ୍କ ପାଖରେ ମୁକ୍ତି ନିମନ୍ତେ ଆଉ କୌଣସି ସୁଯୋଗ ନାହିଁ—ନାହିଁ । ଯଦି ଆପଣ ସେମାନଙ୍କର କୌଣସି ଏକ ସମ୍ପ୍ରଦାୟର ଅନ୍ତର୍ଗତ ନୁହଁନ୍ତି, ଯେପରିକି ଫାରୂଶୀ, ସାଦ୍ଦୂକୀ କିମ୍ବା ଅନ୍ୟକିଛି, ତେବେ କୌଣସି ମୁକ୍ତି ନାହିଁ ଯଦି ଆପଣ ତାହାର ବାହାରେ ଅଛନ୍ତି । ଏବଂ ଯଦି ସେମାନଙ୍କର ଅଧିକାର ରହିଥାଆନ୍ତା, ଚାବିସବୁ ରହିଥାଆନ୍ତା, ଆଉ ସେମାନେ ଚାହିଁଥିଲେ ଆପଣଙ୍କୁ ଲାତ ମାରି ମାତ୍ର ବାହାର କରି ପାରିଥାଆନ୍ତେ । ତାହା ସେମାନଙ୍କର ନିଜସ୍ୱ କଥନ

ଥିଲା । ଏଥିରେ ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଯୀଶୁ କହିଥିଲେ, "ତୁମେ, ତୁମର ପରମ୍ପରା ଦ୍ୱାରା, ପରମେଶ୍ୱରଙ୍କ ବାକ୍ୟକୁ ପ୍ରଭାବହୀନ କରି ପକାଇଅଛ ।" ବୁଝିଲେ?

6 ଏବଂ ବର୍ତ୍ତମାନ ଏହା ପୁନର୍ବାର ପୁନରାବୃତ୍ତି ହୋଇଅଛି, କାରଣ ଆମେ ସମସ୍ତେ ଜାଣୁ ଯେ ଇତିହାସ ନିଜକୁ ବାରମ୍ବାର ପୁନରାବୃତ୍ତି କରିଥାଏ । ଏବଂ ଏହା—ଏହା କହିବା ଦୁଃଖଦାୟକ, କିନ୍ତୁ ଏହାର ପୁନରାବୃତ୍ତି ହେବା ପାଇଁ ଭବିଷ୍ୟବାଣୀ କରାଯାଇଥିଲା, ଏବଂ ଏହା ପୁନର୍ବାର ହୋଇସାରିଛି ।

ଆମେ ପାଉ ଯେ ଯୀଶୁଙ୍କ ବିଷୟରେ ଭଲ ଚିନ୍ତା କରାଯାଇ ନ ଥିଲା ।

7 ଅନେକଥର, ଲୋକମାନେ ସେହି ମନୁଷ୍ୟର ନିର୍ଣ୍ଣୟ କରିବାକୁ ଚାହାଁନ୍ତି ଯିଏ ସେମାନଙ୍କ ସହିତ ସହମତ ନୁହେଁ । ଆମେ ତାହା କରିବା ପାଇଁ ନୋହୁଁ । ଆମେ ଜଣେ ଅନ୍ୟ ସହିତ ଅସହମତ ହୋଇପାରୁ, ତଥାପି ବନ୍ଧୁଭାବରେ ରହିପାରୁ । ଯଦି ମୁଁ ଜଣେ ମନୁଷ୍ୟ ସହିତ ଅସହମତ ହୋଇପାରେ ନାହିଁ, ଏବଂ ତଥାପି ତାଙ୍କୁ ଭଲ ପାଇପାରେ ଏବଂ ତାଙ୍କ ପାଇଁ ପ୍ରାର୍ଥନା କରିପାରେ, ଏବଂ ଶାସ୍ତ୍ରର ଆଧାରରେ ତାଙ୍କ ସହ-...ତାଙ୍କ ସହିତ ଏବଂ ଉତ୍ତମ ଜ୍ଞାନାଲୋକ ପ୍ରାପ୍ତି ପାଇଁ, ଅସହମତ ହୋଇପାରେ, ତେବେ ମୁଁ ତାଙ୍କୁ କିଛି ହିଁ କହିବି ନାହିଁ । ମୁଁ ସବୁବେଳେ ବନ୍ଧୁଭାବରେ, ତାଙ୍କ ସହ ଅସହମତ ହେବାକୁ ଚାହେଁ, କାରଣ ମୁଁ ତାଙ୍କୁ ଭଲ ପାଏ, ଏବଂ ମୁଁ—ମୁଁ ନିଶ୍ଚିତ ଚାହେଁ ନାହିଁ ଯେ ସେ ନଷ୍ଟ ହୋଇଯାଆନ୍ତୁ । ଆଉ ତାଙ୍କୁ ମଧ୍ୟ ମୋ ସହିତ ସମାନ ହିଁ କରିବା ଉଚିତ୍; ଆମେ ଦୁହେଁ ନଷ୍ଟ ହେବାକୁ ଚାହିଁବୁ ନାହିଁ । ଏବଂ ଆମେ ଆମର ଚିନ୍ତାଧାରାକୁ ବାକ୍ୟ ଯାହା କହେ ତାହା ଉପରେ ଆଧାର କରିବା ପ୍ରୟୋଜନ । ବାକ୍ୟ ହିଁ ସତ୍ୟ ହେଉ । ଆମର ଧର୍ମମତ କିମ୍ବା ଆମର ଚିନ୍ତାଧାରା ନୁହେଁ, ମାତ୍ର ସେ ଯାହା କହନ୍ତି; କୌଣସି ବ୍ୟକ୍ତିଗତ ବ୍ୟାଖ୍ୟା ନୁହେଁ, କେବଳ ବାକ୍ୟ ଯାହା କହିଛି ।

8 ଅନ୍ୟ ଏକ ରାତି, ମୁଁ କିଛି କରିଥିଲି ଏବଂ ଏହା ପ୍ରାୟଃ ଧର୍ମବିରୋଧୀ ପରି ମନେ ହେଉଥିଲା, ମୋର ବିଶ୍ୱାସ ଯେ ଦିନେ ସକାଳେ ଏହା ଏକ ସେବକସ୍ତରୀୟ ଜଳଖିଆ ମଧ୍ୟରେ ହୋଇଥିଲା । ମୁଁ ଯୀଶୁଙ୍କୁ ଏକ ପରୀକ୍ଷଣରେ ରଖିଲି । ମୁଁ କହିଲି, "ସେମାନେ ସେତେବେଳେ ଯେପରି କରିଥିଲେ, ଠିକ୍ ସେହିପରି ସେମାନେ ଆଜି ମଧ୍ୟ କରନ୍ତି ।" ହୁଏତ ଏହା ଭଲ ହେବ ଯଦି ମୁଁ ଏହାକୁ କିଛିକ୍ଷଣ ପାଇଁ ପୁନରାବୃତ୍ତି କରେ, ଯଦି ଆମ ପାଖରେ ସମୟ ଅଛି । ତେବେ, ମୁଁ କହିଲି, ଆଜି ଆମେ ପାଇଥାଉ ଯେ...

9 ଲୁଥର'ଙ୍କ ସଂସ୍କାର କାଳରେ, ସେ, ସେହି ସମୟରେ, ସେ କହିଥିଲେ ଯେ ଧାର୍ମିକ ବିଶ୍ୱାସ ଦ୍ୱାରା ବଞ୍ଚିବ । "ଯେଉଁ ବ୍ୟକ୍ତି ବିଶ୍ୱାସ କରେ, ସେ, ତାହା ପାଖରେ ଏହା ଅଛି ।" କିନ୍ତୁ ଆମେ ପାଇଲୁ ଯେ ସେମାନଙ୍କ ମଧ୍ୟରୁ ଅନେକେ କହିଲେ ଯେ ସେମାନେ ବିଶ୍ୱାସ କରିଥିଲେ, ଆଉ ସେମାନଙ୍କ ପାଖରେ ତାହା ନ ଥିଲା ।

10 ଜନ୍ ୱେସଲିଙ୍କ—ଙ୍କ ଦିନରେ, ଯଦି ସେମାନେ ଦ୍ୱିତୀୟ ଆଶୀର୍ବାଦ ପାଇଥିଲେ, ସେମାନେ ଏହାକୁ, ପବିତ୍ରତା, ସମ୍ପୂର୍ଣ୍ଣ ପବିତ୍ରତା ବୋଲି ଆଖ୍ୟା ଦେଲେ, ସେମାନେ ଆନନ୍ଦିତ

ହେଲେ ଓ ପାଟିକଲେ। "ପ୍ରତ୍ୟେକ ବ୍ୟକ୍ତି ପାଟି କରିଥିଲେ, ଏହା ପାଇଥିଲେ।" ମାତ୍ର ସେମାନେ ଏହା ଜାଣିବାକୁ ପାଇଲେ ଯେ ସେମାନଙ୍କ ପାଖରେ ତାହା ନ ଥିଲା। ସେମାନଙ୍କ ମଧ୍ୟରୁ ଅନେକେ ଚିତ୍କାର କରିଥିଲେ, ଏବଂ ତାହା ପାଇ ନ ଥିଲେ।

11 ପେଣ୍ଟିକଷ୍ଟର ଦିନଗୁଡିକରେ, ସେମାନେ କହିଥିଲେ, "ବର୍ତ୍ତମାନ ବରଦାନଗୁଡ଼ିକର ପୁନରୁଦ୍ଧାର ଆସିଯାଇଛି, ଆତ୍ମାଙ୍କ ବାପ୍ତିସ୍ମ ଆସିଯାଇଛି। ଯିଏ ପରଭାଷାରେ କଥା କହେ, ସେ ଏହା ପାଇଯାଇଛି।" ଆମେ ପାଇଲୁ ଯେ ଅନେକେ ପରଭାଷାରେ କଥା କହିଲେ, ପୁଣି ସେମାନଙ୍କ ପାଖରେ ତାହା ନ ଥିଲା।

12 ତେଣୁ ସେମାନେ କୁହନ୍ତି, "ତେବେ, ଆତ୍ମାଙ୍କର ଫଳ, ତାହା ହିଁ ତ ଏହା ଅଟେ।" ଓଃ, ନା, ଆତ୍ମାଙ୍କର ଫଳ ନୁହେଁ। ଖ୍ରୀଷ୍ଟିଆନ ସାଇନ୍ସ ପାଖରେ ତାହା ଅଛି, ଯେଉଁଠାରେକି କ୍ୱଚିତ୍... ପ୍ରେମ ହେଉଛି ଆତ୍ମାଙ୍କର ସେହି ଫଳ। ତା'ପରେ, ଏବଂ ସେମାନଙ୍କର ପାଖରେ ଅନ୍ୟ କାହାରି ଅପେକ୍ଷା ଅତ୍ୟଧିକ ପ୍ରେମ ଅଛି, ପୁଣି ଯୀଶୁ ଖ୍ରୀଷ୍ଟଙ୍କ ପରମେଶ୍ୱରତ୍ତ୍ୱ ଗୁଣକୁ ଅସ୍ୱୀକାର କରନ୍ତି; ତାଙ୍କୁ ମାତ୍ର ଜଣେ ଭବିଷ୍ୟଦ୍‌ବକ୍ତା, ମାତ୍ର ଜଣେ ସାଧାରଣ ଲୋକ ବୋଲି କୁହନ୍ତି। ବୁଝିଲେ? ତେଣୁ ତାହା ଏବିଷୟକୁ ସମ୍ପାଦିତ କରେ ନାହିଁ।

13 ତେବେ ମୋତେ କେବଳ ଗୋଟିଏ ମିନିଟ୍ ପାଇଁ ତାହା ବାବଦରେ ପ୍ରଶ୍ନ କରିବାକୁ ଦିଅନ୍ତୁ। ଆସନ୍ତୁ' ଯୀଶୁଙ୍କୁ ମୋକଦ୍ଦମାରେ ପରୀକ୍ଷା କରିବା। ଆଉ ସଭାମଞ୍ଚରୁ, ଏହି ବିବୃତ୍ତି ପାଇଁ ପରମେଶ୍ୱର ମୋତେ କ୍ଷମା କରନ୍ତୁ, କିନ୍ତୁ ମୁଁ ଗୋଟିଏ ମିନିଟ୍ ପାଇଁ ତାହାଙ୍କ ବିରୋଧରେ ରହିବାକୁ ଯାଉଛି, କେବଳ ଆପଣଙ୍କୁ ଆଲୋକକୁ ଆଣିବା ପାଇଁ। ବୁଝିଲେ?

14 "ବର୍ତ୍ତମାନ ମୁଁ ଆଜି ରାତିରେ ଆପଣ ଲୋକମାନଙ୍କୁ ଏଠାରେ ପାଇଛି; ମୁଁ ଆପଣଙ୍କ ସହିତ କଥାବାର୍ତ୍ତା କରୁଛି। ମୁଁ..." (ଏହା ବିଗତ ଦିନରେ ହୋଇଥିଲା, ଯେତେବେଳେ ନାଜରିତୀୟ ଯୀଶୁ ପୃଥିବୀରେ ଥିଲେ।) "ମୁଁ ଏହି ବ୍ୟକ୍ତି ନାଜରିତୀୟ ଯୀଶୁଙ୍କ ବିରୁଦ୍ଧରେ, ଆପଣମାନଙ୍କ ନିକଟକୁ, ଏବଂ ଆପଣଙ୍କ ସହିତ ଯୁକ୍ତି କରିବାକୁ ଆସିଛି। ତେବେ ଆମେ ସମସ୍ତେ ଜାଣୁ ଯେ ପରମେଶ୍ୱର ପ୍ରେମ ଅଟନ୍ତି। ବାଇବଲ କହେ ଯେ ସେ ଏହା ଅଟନ୍ତି। ଠିକ୍ ଅଛି, ଏବଂ ପ୍ରେମ, ଆତ୍ମା ଦୀର୍ଘ ସହିଷ୍ଣୁତା, ଭଦ୍ରତା, ଧୈର୍ଯ୍ୟ, ନମ୍ରତା, ଓ ପ୍ରଭୃତି, ଏବଂ ପ୍ରେମ ଅଟେ। ତେବେ ମୁଁ କହେ, ମୁଁ ଆପଣମାନଙ୍କୁ କିଛି ପଚାରିବାକୁ ଚାହେଁ। ଆମେ ଯାହା—ଯାହା ଜାଣୁ ତାହା ଗ୍ରହଣ କରିବା, ଜଣେ ଖ୍ରୀଷ୍ଟିଆନ ଭାବରେ।

15 "ଆପଣମାନଙ୍କର ଏହି ବୃଦ୍ଧ ଯାଜକକୁ ଅନାନ୍ତୁ। ତାଙ୍କର ବୃଦ୍ଧ-ବୃଦ୍ଧ-ବୃଦ୍ଧ-ପିତାମହ ଜଣେ ପୁରୋହିତ ଥିଲେ। ଯାଜକ ହେବା ପାଇଁ ତାଙ୍କୁ ଲେବୀୟମାନଙ୍କ ବଂଶରେ ଜନ୍ମ ହେବାକୁ ପଡିଥିଲା। ତେବେ, ଆମେ ପାଉ ଯେ, ତାହାଙ୍କର ଆପଣ ଅନ୍ୟମାନଙ୍କ ଭଳି ସେପରି ଯୌବନ କାଳ ନ ଥିଲା। ସେ କଣ କରନ୍ତି? ସେ ନିଜକୁ ବଳିକୃତ କରନ୍ତି, ସେ ବାକ୍ୟ, ସେହି ପରମେଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରିବାକୁ ସେଠାରେ ଉପରେ ଥାଆନ୍ତି। ସେ ଏହା ଦେଇ ଗତି କରନ୍ତି, ଦିନ ଓ ରାତି, ଦିନ ଓ ରାତି, ଏହାର ପ୍ରତ୍ୟେକ ଅକ୍ଷର, ପୁସ୍ତକରେ ଥିବା ପ୍ରତ୍ୟେକ

ଶବ୍ଦକୁ ଜାଣିବାକୁ ଥାଏ। ତାହାଙ୍କୁ ଏହା ମୂଖସ୍ତ କରିବାକୁ ଥାଏ। ସେ—ସେ, ଏହା ବିଷୟରେ କିଛିଟା ଥାଏ ଯାହାକି ତାଙ୍କୁ ନିଶ୍ଚୟ ଜାଣିବାକୁ ଥାଏ।

16 "ଏବଂ ତାହାପରେ, ଏହା ବ୍ୟତୀତ, ଯେତେବେଳେ ଆପଣଙ୍କର ପିତା ଓ ମାତା ବିବାହ କଲେ, କିଏ ସେମାନଙ୍କୁ ସ୍ୱାମୀ ଏବଂ ସ୍ତ୍ରୀ ଭାବରେ ଏକତ୍ର ଯୋଡିଲେ? ଆପଣଙ୍କର ଧାର୍ମିକ ବୃଦ୍ଧ ଯାଜକ। ଯେତେବେଳେ ଆପଣଙ୍କର ପିତାଙ୍କର ଅଭାବ ଥିଲା ଏବଂ ତାଙ୍କ ଚାଷ ଜମିରେ କିଛି ଟଙ୍କା ଋଣ ହୋଇଥିଲା ଓ ବନ୍ଧକଦାତାମାନେ ଯେତେବେଳେ ତାହାକୁ ନେବାକୁ ଯାଉଥିଲେ, ସେତେବେଳେ ତାଙ୍କ ନିକଟକୁ କିଏ ଆସିଥିଲା? ତାଙ୍କ ନିକଟରେ କିଏ ଛିଡ଼ା ହୋଇଥିଲା? ତୁମର ସେହି ଦୟାଳୁ ପୂରାତନ ଯାଜକ। ଯେତେବେଳେ ତୁମ ମା ତୁମକୁ ଜନ୍ମ ଦେଉଥିଲେ ସେହି କୋଠରୀରେ ତାଙ୍କ ପାଖରେ କିଏ ଠିଆ ହୋଇଥିଲା? ଦୟାଳୁ ବୃଦ୍ଧ ଯାଜକ। ଯେତେବେଳେ ତୁମେ ଅସୁସ୍ଥ ଏବଂ ଅଭାବୀ ହୋଇଥାଅ ସେତେବେଳେ ତୁମ ପାଖକୁ କିଏ ଆସେ? ତୁମର ଦୟାଳୁ ପୂରାତନ ଯାଜକ। କିଏ ତୁମକୁ ଆଶୀର୍ବାଦ କଲା ଏବଂ ପରମେଶ୍ୱରଙ୍କ ନିକଟରେ ତୁମକୁ ସମର୍ପଣ କଲା, ଏବଂ ଅଷ୍ଟମ ଦିନରେ ତୁମକୁ ସୁନ୍ନତ କଲା? ତୁମର ଦୟାଳୁ ବୃଦ୍ଧ ଯାଜକ। ଯେତେବେଳେ ତୁମର ବାପା ଏବଂ ମାଆଙ୍କର ଛାଡପତ୍ର ହେବାକୁ ଯାଉଥିଲା, କିଏ ସେମାନଙ୍କୁ ଫେରାଇ ଆଣି, ଏକାଠି କରିଥିଲା? ତୁମର ସେହି ଦୟାଳୁ ପୂରାତନ ଯାଜକ। ଯେତେବେଳେ ଆଖପାଖ ଅଞ୍ଚଳରେ ସମସ୍ୟା ହୁଏ, କିଏ ଏହାର ଯତ୍ନ ନିଏ? ତୁମର ଦୟାଳୁ ବୃଦ୍ଧ ଯାଜକ। ନିଶ୍ଚିତ ଭାବରେ।

17 "ତେବେ ଏହି ଧରଣର ଦୟାଳୁ ପୁରାତନ ଯାଜକ ଜାଣନ୍ତି ଯେ ବାଇବଲ ବ୍ୟକ୍ତ କରେ ଯେ ବଳିଦାନ ପାଇଁ ପରମେଶ୍ୱର ଏକ ମେଷଶାବକ ଆବଶ୍ୟକ କରନ୍ତି। ଆପଣମାନଙ୍କ ମଧ୍ୟରୁ ଅନେକେ ବ୍ୟବସାୟୀ, ତେଣୁ ଆପଣମାନେ ମେଣ୍ଢାପାଳନ କରନ୍ତି ନାହିଁ, ତଥାପି ପରମେଶ୍ୱର ଗୋଟିଏ ମେଣ୍ଢା ପ୍ରୟୋଜନ କରନ୍ତି। ସେମାନେ ସେଠାରେ କିଛି ଦୋକାନମାନ ନିର୍ମାଣ କରି, ସେମାନଙ୍କର ମେଣ୍ଢାସବୁ ବିକ୍ରୟ କଲେ ଯେପରିକି—ଯେପରିକି ବ୍ୟବସାୟୀମାନେ ଯାଇ ଏହାକୁ କିଣିପାରିବେ, ସେମାନଙ୍କ ପ୍ରାଣ ପାଇଁ ବଳି ଉତ୍ସର୍ଗ କରିପାରିବେ, ଯାହାକି ପରମେଶ୍ୱର ପ୍ରୟୋଜନ କରନ୍ତି।

18 "ଯୀଶୁ ନାମକ ଏହି ଯୁବକ ଜଣକ କ'ଣ କଲେ? ସେ କେଉଁଠାରୁ ଆସିଥିଲେ? କୁହାଯାଏ, ସେ ଏକ କୁମାରୀରୁ ଜନ୍ମ ହୋଇଥିଲେ। ଏପରି ଏକ ନିରର୍ଥକ କଥା କିଏ ଶୁଣିଛି? ଆମେ ଜାଣୁ ଯେ ତାର ମା ଓ ଜୋସେଫ ଜନ୍ମ ହେବା ପୂର୍ବରୁ ତାର ମା ତାକୁ ପ୍ରାପ୍ତ କରିଥିଲେ, ଅଥବା, ତାଙ୍କ ମା ଏବଂ ଜୋସେଫ ବିବାହ ହେବା ପୂର୍ବରୁ, ସେ ଜନ୍ମ ହୋଇଥିଲେ। ବର୍ତ୍ତମାନ ଆମେ ପାଉ ଯେ ସେ—ସେ ଆରମ୍ଭରୁ ହିଁ, ଏକ ଖରାପ ନାମର ଅଧିକାରୀ ହୋଇଥିଲେ।

19 "ତାଙ୍କର କେଉଁ ସଦସ୍ୟତା କାର୍ଡ ଅଛି? ଯଦି ସେ ଜଣେ ଧାର୍ମିକ ବ୍ୟକ୍ତି ଥିଲେ, ତେବେ ସେ କେଉଁ ଦଳରେ ଯୋଗ ଦେଇଥିଲେ? ଯେତେବେଳେ ତୁମର ଯାଜକ ସେହି ବାକ୍ୟ ଜାଣିବା ପାଇଁ ଅଧ୍ୟୟନ, ଅଧ୍ୟୟନ, ଅଧ୍ୟୟନ, ଅଧ୍ୟୟନ, କରି ଚାଲିଥିଲେ; ଆଉ ସେ ଏଠାରେ

ଆଖପାଖରେ ଆସନ୍ତି, ଓ ଯାହା ସେହି ବୃଦ୍ଧ ଯାଜକ ଗଢ଼ିଛନ୍ତି ତାହା ଛିନ୍ନଭିନ୍ନ କରିପକାନ୍ତି। ଆପଣ ଏହପରି ଜଣଙ୍କୁ 'ପରମେଶ୍ୱର' ବୋଲି ଡାକିବେ କି? ନିଶ୍ଚିତରେ ନୁହେଁ।

20 "ତେବେ, ଦିନେ, ଯେତେବେଳେ ତୁମର ଯାଜକ ସେହି ସ୍ଥାନଟିକୁ ସେଠାରେ ତିଆରି କରିଥିଲେ, ସେହି...ଏବଂ ଯେଉଁଠାରେ କି ତୁମେ ବଳିର ବସ୍ତୁକୁ କିଣି ପାରିଥାଆନ୍ତ, ଏହି ଯୁବକ ଜଣକ କ'ଣ କଲେ? ଦୟାଶୀଳତା? ସେ ମାଡ଼ ମାରିଲେ, କିଛି ଦଉଡି, କିଛି ଝୋଟ ଏବଂ ଚମଡା ଲଗାଇଲେ, ଏବଂ କ୍ରୋଧରେ ଲୋକମାନଙ୍କ ଆଡକୁ ଚାହିଁଲେ; ସେହି ମେଜଗୁଡିକକୁ ଗୋଇଠା ମାଇଲେ, ଏବଂ ସେମାନଙ୍କୁ ବାଡେଇ ସେଠାରୁ ବାହାର କରିଦେଲେ। ଆଉ ତୁମେ ତାହାକୁ ଆତ୍ମାର ଫଳଗୁଡ଼ିକ ବୋଲି କହୁଛ, ଯେତେବେଳେକି ସେ ସେମାନଙ୍କୁ କ୍ରୋଧରେ, ଦେଖୁଛନ୍ତି? ଆଉ, ଦେଖ, ଯିହୋବାଃଙ୍କ ଉପାସନା କରିବାର ସୁଯୋଗରୁ ମନୁଷ୍ୟକୁ ବଞ୍ଚିତ କରୁଅଛି! ବ୍ୟବସାୟୀ ଜଣକ ତାହାଙ୍କୁ ଉପାସନା କରିବାକୁ ଚାହାଁନ୍ତି; ସେ ମେଷଶାବକ ପାଳନ କରନ୍ତି ନାହିଁ, ଏବଂ ସେ ଏହାକୁ କିଣିବାକୁ ସେଠାକୁ ଯାଇଥିଲେ। ଏବଂ ସେ ଏହାକୁ ଓଲଟାଇ ପକାଇଲେ, ଏବଂ ସେମାନଙ୍କୁ ଗୋଇଠା ମାଇଇଲେ, ଓ ସେମାନଙ୍କୁ ତଡି ଦେଲେ।"

21 ସେଇଠି ଆତ୍ମାଙ୍କର ଫଳ କାହା ପାଖରେ ଅଛି? ହୁଁ-ହୁଁ। ବୁଝିଲେ? ସେଠାରେ ଆପଣ ଅଛନ୍ତି। ଦେଖନ୍ତୁ, ଆତ୍ମାଙ୍କର ଫଳ ତାହା ନୁହେଁ, ପରଭାଷାରେ କଥା କହିବା ନୁହେଁ, ଚିତ୍କାର କରିବା ବି ନୁହେଁ।

22 ଆପଣ କହିବେ, "ତେବେ, ଭାଇ ବ୍ରାନହାମ୍, ଏହାର ପ୍ରମାଣ କ'ଣ? ଏହାର ପ୍ରମାଣ କ'ଣ?" ଏହି ଘଟିକା ମଧ୍ୟରେ ବାକ୍ୟର ଯଥାର୍ଥ ପ୍ରମାଣ,

23 ସେମାନଙ୍କ ପାଖରେ ବାଇବଲ ଥିଲା। ଯିହୋବାଃ ଯାହା ହେବ ବୋଲି କହିଥିଲେ ସେ ଠିକ୍ ତାହା ହିଁ ଥିଲେ। ଏହା କୌଣସି ଅନୁବାଦର ଆବଶ୍ୟକ କରେ ନାହିଁ। ଏହା ତ ସେଠାରେ ଅନୁବାଦିତ ଥିଲା। ସେଠାରେ ତୁମର ଯାଜକମାନେ ଥିଲେ, ସେଠାରେ ସେମାନଙ୍କର ସମସ୍ତକିଛି ଥିଲା, ଏବଂ ଅନ୍ୟ ସମସ୍ତକିଛି ବିଷୟ ଏତେ ନିୟମିତ ଓ ସବୁକିଛି ଥିଲା, କିନ୍ତୁ ତଥାପି ସେମାନେ ସେହି ବାକ୍ୟକୁ ଦେଖିବାରେ ବିଫଳ ହେଲେ। ଏବଂ ସେ ସେହି ଯୁଗ ପାଇଁ ସେହି ବାକ୍ୟକୁ ଜୀବନ୍ତ କରିଦେଲେ। ତାହା ସେହି ଯୁଗର ପ୍ରମାଣ ଅଟେ।

24 ଲୁଥରଙ୍କ ପାଖରେ ତାଙ୍କ ଯୁଗର ପ୍ରମାଣ ଥିଲା, ୱେସଲିଙ୍କ ପାଖରେ ତାଙ୍କ ଯୁଗର ଥିଲା, ପେଣ୍ଟିକଷ୍ଟ ପାଖରେ ତାଙ୍କ ଯୁଗର ଥିଲା, ମାତ୍ର ଆମେ ଅନ୍ୟ ଏକ ଯୁଗରେ ଅଛୁ। ସେହି ସମସ୍ତ ବିଷୟ ଭଲ। କିନ୍ତୁ ଯେପରିକି ସେହି ଶିଶୁ, ତାହାର ଏକ ଆଙ୍ଗୁଳି, ଏକ ଆଖି, ଏବଂ ଏକ ନାକ ରହିଛି, କିନ୍ତୁ କିଛି ସମୟ ପରେ ତାକୁ ଏକ ମଣିଷ ହେବାକୁ ଥାଏ। ତାକୁ ତ ଏକ—ଏକ ପରିପକ୍ୱ ସନ୍ତାନ ହେବାକୁ ହେବ; ତା'ପରେ ଜନ୍ମ ହେବାକୁ ହେବ, ଏକ ପ୍ରାଣ, ଶରୀର, ଆତ୍ମା ଧାରଣ କରିବାକୁ ହେବ, ଚଲାବୁଲା କରି ପାରୁଥିବ।

25 ତେବେ ଆମେ ପାଉ ଯେ, ଏହିସବୁ, ଯୀଶୁ ଘୋଷଣା କରିଥିଲେ, ଏବଂ ଅଳ୍ପ କେତେକ ହିଁ, କେବଳ ସେହିମାନେ ଯେଉଁମାନଙ୍କୁ କି ସେ ଜୀବନ ନିମନ୍ତେ ନିରୁପିତ କରିଅଛନ୍ତି, ତାହାଙ୍କୁ

ଦେଖିଲେ। ବଡ ବଡ଼ ଭିଡ଼ ନୁହେଁ; ତାହାଙ୍କର ଭିଡ଼ କେବେ ହେଲେ କାୟାଫାଙ୍କ ଭିଡ଼ ପରି ହୋଇପାରିବ ନାହିଁ। କାହିଁକି, କାୟାଫା ତ ସମଗ୍ର ଦେଶକୁ ଏକାଠି ଡାକି ପାରିଥାନ୍ତି। ଯୀଶୁ କେବଳ ଅଳ୍ପ କେତେକଙ୍କୁ ହିଁ ଏକତ୍ର ଡାକିଥିଲେ। ଅନେକେ ତାହାଙ୍କୁ ଜାଣି ନ ଥିଲେ। ହଜାର ଗୁଣନ ହଜାର ଲୋକେ, ଯେତେବେଳେ ସେ ପୃଥିବୀକୁ ଆସିଲେ, ସେ ପୃଥିବୀ ଦେଇ ଗମନଗମନ କଲେ, ଆଉ ସେମାନେ ଏହା ଜାଣିଲେ ସୁଦ୍ଧା ନାହିଁ ଯେ ସେ ଏଠାରେ ଅଛନ୍ତି।

26 ଏଣୁ ଏହା ପୁନର୍ବାର୍ ହେବ! ଯେଉଁମାନେ ଜୀବନ ପାଇଁ ଆହୂତ ସେ ସେମାନଙ୍କ ନିକଟକୁ ଆସିବେ। ସେ ଜାଣନ୍ତି କିଏ ଜୀବନ ନିମନ୍ତେ ଆହୂତ ଅଟେ। ଏବଂ ସେ କରିବେ ନାହିଁ...ଏହାର ଯତ୍ନ ନେବା ତାଙ୍କର ବେପାର ଅଟେ।

27 ବର୍ତ୍ତମାନ ଆମେ ଲକ୍ଷ୍ୟ କରୁ ଯେ ତେବେ ସେମାନେ ମଣ୍ଡଳୀରୁ ବାହାରି ଆସିଥିଲେ, ଏବଂ ସେମାନେ ତାହାଙ୍କୁ ବିଶ୍ୱାସ କରିଥିଲେ। ସେହି ପ୍ରତ୍ୟେକ ବିଷୟ ଯାହାକି ବାକ୍ୟ ତାହାଙ୍କ ବିଷୟରେ କହି ଆସିଥିଲା, ସେଠାରେ ସେ ତାହା ଥିଲେ।

28 ଆଉ ଦିନେ ସେ ସେମାନଙ୍କ ଘର ପରିତ୍ୟାଗ କଲେ। ମୁଁ ତିନୋଟି କଥା କହିବାକୁ ଚାହେଁ: ଯୀଶୁ ଚାଲି ଯାଇଥିଲେ; ମୃତ୍ୟୁ ଆସି ଯାଇଥିଲା, ଆଉ ସମସ୍ତ ଆଶା ଦୂରେଇ ଯାଇଥିଲା। ମୁଁ ସେହି ତିନୋଟି ବିଷୟ ଉପରେ କିଛି ମିନିଟ୍ କହିବାକୁ ଚାହେଁ।

29 ଯୀଶୁ ଚାଲି ଯାଇଥିଲେ। ଏବଂ ଯେତେବେଳେ ସେ ଚାଲିଗଲେ, ସଙ୍କଟ ପ୍ରବେଶ କଲା। ତେବେ ଯେତେବେଳେ ସେ ତୁମକୁ, କିଅବା ତୁମର ଘରକୁ ଯେଉଁଠାରେ ତୁମେ ବାସ କର ଛାଡିଦିଅନ୍ତି, ସମସ୍ୟା ମାର୍ଗରେ ଆସୁଥାଏ। ଯେତେବେଳେ ଯୀଶୁ ଛାଡି ଚାଲିଯାଆନ୍ତି ଶୟତାନ ପାଇଁ ଏକ ଦ୍ୱାର ଉନ୍ମୁକ୍ତ ହୋଇଯାଏ।

30 ସେ ଚାଲିଯାଇଥିଲେ, ଏବଂ ଯେମିତି—ଯେମିତି ହିଁ ସେ ଚାଲିଗଲେ, ତତ୍ପରେ ମୃତ୍ୟୁ ଭିତରକୁ ପ୍ରବେଶ କଲା। ଆଉ ଯେମିତି ଯୀଶୁ ବାହାରି ଯାଆନ୍ତି, ମୃତ୍ୟୁ ପ୍ରବେଶ କରିଥାଏ। ତାହାଙ୍କଠାରୁ ଅଲଗା ହେବା ହିଁ ମୃତ୍ୟୁ ଅଟେ, ତେଣୁ ଯେତେବେଳେ ଯୀଶୁ ବାହାରି ଯାଆନ୍ତି ମୃତ୍ୟୁ ପ୍ରବେଶ କରେ।

31 ଏବଂ ମୃତ୍ୟୁ ଲାଜାର ସହିତ ଅଧିକ ସମୟ ବିଳମ୍ବ କରିଥିଲା। ଏବଂ ତତ୍ପରେ ସେହି ଜଣକ ଯାହାଙ୍କଠାରେ ସେମାନେ ବିଶ୍ୱାସ କରିଥିଲେ ଏବଂ ଯାହାଙ୍କୁ ଭଲ ପାଉଥିଲେ, ତାହାଙ୍କୁ ସେମାନେ ଡାକି ପଠାଇଲେ ଯେପରିକି ସେ ଆସି ଲାଜାରଙ୍କ ପାଇଁ ପ୍ରାର୍ଥନା କରନ୍ତି। 'କାରଣ ସେମାନେ ତାହାଙ୍କୁ ଦେଖିଥିଲେ ଏବଂ ଜାଣିଥିଲେ ଯେ ସେ ପରମେଶ୍ୱରଙ୍କୁ ଜାଣନ୍ତି, ଯେ, "ଯାହା ବି, ପରମେଶ୍ୱର..." ମାର୍ଥା ଏହାକୁ ସେଠାରେ ବ୍ୟକ୍ତ କରିଥିଲେ, "ତୁମେ ବର୍ତ୍ତମାନ ପରମେଶ୍ୱରଙ୍କୁ ଯାହାକିଛି କହିବ, ପରମେଶ୍ୱର ତାହା କରିବେ।" ମାର୍ଥା ଚିହ୍ନିଥିଲେ ଯେ ସେ ଏବଂ ପରମେଶ୍ୱର ଏକ ଅଟନ୍ତି। ସେ ସେହି ଘଡିର ବାକ୍ୟ ଥିଲେ, ତେଣୁ ମାର୍ଥା ତାହା ଚିହ୍ନିଥିଲେ। ଏବଂ ମାର୍ଥା ଜାଣିଥିଲେ, ଯଦି ସେ ତାହାଙ୍କ ସହିତ କେବେ ଯୋଗାଯୋଗ କରିପାରନ୍ତି, ମାତ୍ର ସେ ଚାଲିଯାଇଥିଲେ ଏବଂ ସେମାନେ ତାହାଙ୍କୁ ପାଇ ପାରି ନ ଥିଲେ।

ଏବଂ ସେମାନେ ତାହାଙ୍କୁ ଡାକି ପଠାଇଲେ, ଏବଂ, ସେ ଆସିବା ପରିବର୍ତ୍ତେ, ଆହୁରି ଦୂରକୁ ଚାଲିଗଲେ। ଏବଂ ତା'ପରେ ସେମାନେ ପୁନର୍ବାର ତାହାଙ୍କୁ ଡାକି ପଠାଇଲେ, ଏବଂ, ସେ ଆସିବା ପରିବର୍ତ୍ତେ, ଆହୁରି ଆଗକୁ ଚାଲିଗଲେ।

32 ବେଳେବେଳେ ଆମେ ବିସ୍ମିତ ହୋଇଥାଉ ଯେ ସେହିପରି ବିଷୟସବୁ କାହିଁକି ଘଟିଥାଏ, ମାତ୍ର ଶାସ୍ତ୍ର କଅଣ କହେ ନାହିଁ ଯେ, "ଯେଉଁମାନେ ପରମେଶ୍ୱରଙ୍କୁ ପ୍ରେମ କରନ୍ତି, ସମସ୍ତ ବିଷୟ ସେମାନଙ୍କ ପାଇଁ ମଙ୍ଗଳ ହିଁ ଉତ୍ପନ୍ନ କରିଥାଏ।"? ସେ କଅଣ କରୁଛନ୍ତି ସେ ତାହା ଜାଣନ୍ତି। ଯଦି ସେ ବିଳମ୍ବ କରନ୍ତି, ତାହା ଠିକ୍ ଅଟେ। ସେ ଜାଣନ୍ତି ଯେ ସେ କଅଣ କରୁଛନ୍ତି। ଏଥିରେ ଏକ ଉଦ୍ଦେଶ୍ୟ ଥିଲା।

33 ଆମେ ପାଉ ଯେ, ସାଧୁ ଯୋହୋନ 5:19 ରେ ସେ କହିଥିଲେ, "ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ପୁତ୍ର ପିତାଙ୍କୁ ଯାହା କରୁଥିବା ଦେଖନ୍ତି, ତାହାଛଡା ସେ ଆପଣାରୁ କିଛି ହିଁ କରିପାରନ୍ତି ନାହିଁ।"

34 ପିତା ତାହାଙ୍କୁ ଦୂରକୁ ଯିବାକୁ, ଏବଂ ଅନେକ ଦିନ ଦୂରରେ ରହିବାକୁ କହିଥିଲେ। ସେହି ଦିନଗୁଡିକ ସମାପ୍ତ ହେବା ପରେ, ତତ୍ପରେ ସେ କହିଲେ ଯାହା ସେତେବେଳେ ସେ କହିଥିଲେ, ଯେ, "ଆମର ବନ୍ଧୁ ଲାଜାର ନିଦ୍ରା ଯାଇଛନ୍ତି।"

ଏବଂ ସେ କହିଲେ, "ବେଶ୍, ସେ ଭଲ କରିଛନ୍ତି।"

35 ସେ କହିଲେ, "ସେ ମରିଛନ୍ତି। ଏବଂ ତୁମମାନଙ୍କ ସକାଶେ ମୁଁ ଆନନ୍ଦିତ ଯେ ମୁଁ ସେଠାରେ ନ ଥିଲି।" କାରଣ, ସେମାନେ ତାହାଙ୍କୁ ପାଇବା ପାଇଁ ଚେଷ୍ଟା କରୁଥିଲେ ଯେପରିକି ସେ ତାଙ୍କ ନିକଟକୁ ଯାଆନ୍ତି, ଓ ତାଙ୍କୁ ସୁସ୍ଥ କରନ୍ତି କିମ୍ବା କଅଣ କରିବାକୁ ହେବ ତାହା କହନ୍ତି। ମାତ୍ର ସେ ଜାଣିଥିଲେ ଯେ କ'ଣ କରିବାକୁ ହେବ, ତେଣୁ ସେ ଠିକ୍ ସେହିପରି କରିଥିଲେ ଯାହା କରିବାକୁ ତାଙ୍କୁ ନିୟୋଜିତ କରା ଯାଇଥିଲା: ଦୂରରେ ରହିଥାଅ। ଯଦି ଆପଣ ତାହାଙ୍କୁ ଧ୍ୟାନ ଦେବେ ଯେତେବେଳେ ସେ ଫେରିଆସି କବରରେ ଥାଆନ୍ତି। ସେ ସେତେବେଳେ ତାହା ବ୍ୟକ୍ତ କରିଥିଲେ ଯେ ଯେତେବେଳେ ସେ ଫେରି ଆସିଲେ ଓ ଏହି ଘରକୁ ପାଇଲେ।

36 ସମସ୍ତ ଆଶା ଦୂର ହୋଇଯାଇଥିଲା। ଲାଜାରଙ୍କ ମୃତ୍ୟୁ ହୋଇସାରିଥିଲା। ପ୍ରତି ଘଡିରେ, ସେମାନେ ଭାବି ଚାଲିଥିଲେ, "ସେ ଦୃଶ୍ୟପଟ୍ଟକୁ ଆସିପାରନ୍ତି। ସେ ଦୃଶ୍ୟପଟ୍ଟକୁ ଆସିପାରନ୍ତି। ସେ ଫେରି ଆସିପାରନ୍ତି।" ଶେଷରେ, ସେ ମରିଗଲା, ନିଶ୍ୱାସ ତାହାଙ୍କୁ ଛାଡିଗଲା।

37 ସେମାନେ ବାହାରକୁ ଗଲେ, ତାଙ୍କ ଶରୀରରୁ ରକ୍ତ ନେଇ ତାହାଙ୍କ ଶବ ସଂରକ୍ଷଣ କଲେ, ତାହାଙ୍କୁ ସୂକ୍ଷ୍ମବସ୍ତ୍ରରେ ଗୁଡାଇ, ମସଲା ପ୍ରଭୃତି ଲଗାଇ, ଓ ଶବ ସଂରକ୍ଷଣ କଲେ ଓ କବର ଭିତରେ ଶୁଆଇଦେଲେ, କବର ଉପରେ ଏକ ପଥରଖଣ୍ଡ ରଖିଲେ, ଯାହାକି ସେମାନଙ୍କ ସେତେବେଳର କବର ଦେବାର ପ୍ରଥା ଥିଲା। ଭୂମିରେ ଏକ ଗର୍ତ୍ତ, ବୋଧହୁଏ ଚଟାଣ ମଧ୍ୟରେ, ଏବଂ ଏହାର ଉପର ଭାଗରେ ଏକ ପଥରଖଣ୍ଡ ରଖି ଦିଅନ୍ତି, ତାହା ସେମାନଙ୍କର ପ୍ରଥା ଥିଲା।

38 ପ୍ରଥମ ଦିନ ବିତିଗଲା, ଦ୍ୱିତୀୟ ଦିନ ବିତିଗଲା, ତୃତୀୟ ଦିନ ବିତିଗଲା, ଚତୁର୍ଥ ଦିନ ବିତିଗଲା, ସେ ଲୋକଟି କବରରେ ପଚିସଢ଼ି ଯାଇଥିଲା। ତାର ନାକ ହୁଏତ ଝଡ଼ି ଯାଇଥିଲା। ତାହା, ମୁଁ ଭାବୁଛି ପ୍ରଥମ ଅଙ୍ଗ ଯାହା ଝଡ଼ିପଡେ, ତାହା ହେଉଛି ନାକ। ଏବଂ ସେ ପଚିସଢ଼ି ଯାଇଥିଲା। ତାଙ୍କର—ତାଙ୍କର ମାଂସ ପୃଥିବୀସ୍ଥ, ଧୂଳିରେ ମିଶି ଯାଇଥିଲା, କିମ୍ବା ମିଶିବାକୁ ଯାଉଥିଲା। ତାଙ୍କ ପ୍ରାଣ ତାଙ୍କଠାରୁ ଚାରି-ଦିନର ଯାତ୍ରାରେ, କେଉଁଠାରେ ଥିଲା।

39 ତାଙ୍କୁ ଆଉଥରେ ଏହି ଜୀବନରେ, ଦେଖିବାର ସମସ୍ତ ଆଶା, ଦୂର ହୋଇଯାଇଥଲା। ଏବଂ ଯେତେବେଳେ ସମସ୍ତ ଆଶା ଦୂର ହୋଇଯାଇଥଲା…ସେମାନେ ଅପେକ୍ଷା କରିଥିଲେ, "କେଜାଣି ଯଦି ସେ ପ୍ରଥମ ଦିନ, ଦ୍ୱିତୀୟ ଦିନ ଆସିବେ!" ନା। ତା'ପରେ ସେ ମରିଗଲେ, ଏବଂ ଯୀଶୁ ଆସି ନ ଥିଲେ। ତା'ପରେ ନିରାଶା ପ୍ରବେଶ କଲା।

40 କିଛି ସମୟ ପରେ ସେଠାରେ କେହି ଜଣେ ତାଙ୍କୁ ନିଶ୍ଚୟ କହିଥିବେ, "ଗୁରୁ ବାହାରେ ଅଛନ୍ତି।" ଏଠାରେ ମାର୍ଥା ରାସ୍ତାକୁ ବାହାରି ଯାଆନ୍ତି!

41 ଯୀଶୁ ସେହି ଅନ୍ଧକାର ଘଡ଼ିରେ ଆସିଲେ ଯେତେବେଳେକି ପ୍ରତ୍ୟେକ ଆଶା ଦୂରେଇ ଯାଇଥିଲା। ସାଧାରଣତଃ ସେ ସେହିପରି ଘଡ଼ିରେ ହିଁ ଆସିଥାଆନ୍ତି। ବୁଝିଲେ? ସେ ସେପରି ସବୁଠୁ ଘୋର ଅନ୍ଧକାର ସମୟରେ ଆସନ୍ତି, ତା'ପରେ ଯୀଶୁ ଦୃଶ୍ୟରେ ଉପସ୍ଥିତ ହୁଅନ୍ତି।

42 ଏବେ ଦେଖନ୍ତୁ, ସେ ଆସିଲେ ଓ ମାର୍ଥାଙ୍କୁ ଡାକିଲେ। ତାଙ୍କର ଉପସ୍ଥିତି ନୂତନ ଆଶାକୁ ଆଣିଦେଲା। ବାଳକଟି ଯଦିଓ ମରିଯାଇଥିଲା ଏଥିରେ କିଛି ଯାଏ ଆସେ ନାହିଁ, ତଥାପି ତାଙ୍କର ଉପସ୍ଥିତି ନୂତନ ଆଶା ଆଣିଥାଏ।

43 ମୋର ବନ୍ଧୁ, ତୁମେ ଆଜି ରାତି ଏଠାରେ ହୁଏତ ବସିଥିବ, ଯେଉଁଠାରେ ଡାକ୍ତରମାନେ ତୁମକୁ ଛାଡି ଦେଇଥାନ୍ତି, କର୍କଟରୋଗ ସହିତରେ, ହୃଦଘାତରେ। ହୋଇପାରେ ଏକ ଚୌକିରେ, ପଙ୍ଗୁହୋଇ, ସମସ୍ତ ବିଜ୍ଞାନ କହି ଥାଇପାରେ ଯେ ତୁମ ପାଇଁ କୌଣସି ଆଶା ନାହିଁ; କ୍ୟାଲସିୟମ ଜମା—ହୋଇ ତୁମର—ତୁମର—ଅସ୍ଥିଗୁଡିକୁ ଗଣ୍ଠି କରି ଦେଇଛି, ଯେ ତୁମେ ଆଉ ସେଗୁଡ଼ିକୁ ବଙ୍କା କରିପାରିବ ନାହିଁ। କିମ୍ବା, ତୁମର—ତୁମର ହୃଦୟ ଏତେ ଖରାପ, ଡାକ୍ତର କୁହନ୍ତି ଯେ ତୁମେ କୌଣସି ମୁହୂର୍ତ୍ତରେ ମରି ଯାଇପାର। ଓଃ, ଏବଂ କର୍କଟ ଓ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ଲୋକମାନଙ୍କର ବହୁତ ବଡ ଦଳ, ହୋଇପାରେ ଯେ ତୁମ ପାଖରେ ସେହି ଶେଷ ଆଶା ଥିବ, ଏବଂ ଏପରି ଲାଗୁଛି ଯେ ଡାକ୍ତର ତୁମକୁ ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି। ତଥାପି, ଯୀଶୁ ଖ୍ରୀଷ୍ଟଙ୍କ ଉପସ୍ଥିତିରେ ରହିବା ଏବଂ ତାହାଙ୍କର ଉପସ୍ଥିତିକୁ ଚିହ୍ନିବା, ପୁନର୍ବାର ଆଶାକୁ ଆଣି ଦେଇଥାଏ।

44 ଏପରିକି କେହି ତୁମକୁ ଏହାର ନାମକରଣ କରି ଦେଇପାରନ୍ତି। ହୋଇପାରେ ଯେ ତୁମେ ଏହା ପୂର୍ବରୁ କେବେ ଶୁଣିନାହଁ, ମାତ୍ର କାହାରିକୁ କହିବାକୁ ଦିଅନ୍ତୁ, "ମୁଁ ଜାଣେ ଯେ ସେଠାରେ କୌଣସିଠାରେ ଏକ ମଣ୍ଡଳୀ ଅଛି, ସେମାନେ ପରମେଶ୍ୱରଙ୍କଠାରେ ବିଶ୍ୱାସ କରନ୍ତି ଏବଂ ସେମାନେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରନ୍ତି," ଶୀଘ୍ର ହିଁ (ତେବେ, ତୁମେ ମରିବାକୁ ପ୍ରସ୍ତୁତ

ଅଟ। ବୁଝିଲେ?), ନୂତନ ଆଶା ଉଦିତ ହୁଏ। ଏହା ସର୍ବଦା ହୋଇଥାଏ। ସେହି ଅନ୍ଧକାର ଘଡ଼ିରେ, ସାଧାରଣତଃ ଯେତେବେଳେ କେହି ଏହା ବିଷୟରେ କିଛି କୁହନ୍ତି, ତୁମକୁ ଯୀଶୁଙ୍କ ବିଷୟରେ କୁହନ୍ତି। ତାହାଙ୍କର ଉପସ୍ଥିତି ନୂତନ ଆଶା ଆଣି ଦେଇଥାଏ।

45 ଏହା ହେଉ ଯେ ଗତ ରାତି ପରି, ଆଜି ରାତିରେ ଏହା ସେହି ସମାନ କାମକୁ କରୁ। ଯେତେବେଳେ ଆମେ ସନ୍ଦେହର କୌଣସି ଛାୟା ବାହାରେ ସେହି ପ୍ରମାଣିତ ବାକ୍ୟକୁ ଦେଖିଥାଉ, ଯାହାକି ସୁସ୍ପଷ୍ଟ କରାଯାଇଅଛି, ଏବଂ ପ୍ରମାଣିତ କରାଯାଇଅଛି ଯେ ସେହି ଯୀଶୁ ଯିଏକି ଉଣେଇଶ ଶହ ବର୍ଷ ପୂର୍ବେ ଜୀବିତ ରହିଥିଲେ, ଯିଏ କାଲବରୀରେ ମୃତ୍ୟୁବରଣ କରିଥିଲେ, ତୃତୀୟ ଦିନରେ ଉଠିଥିଲେ, ଆଉ ସେହି ଶିଷ୍ୟମାନଙ୍କୁ ଦେଖା ଦେଇଥିଲେ ଓ ସେମାନଙ୍କ ଆଖି ଖୋଲି ଦେଇଥିଲେ, ଏବଂ ସେହି ଦିନର ଏହି ପ୍ରତିଜ୍ଞା କରିଥିଲେ, ଯାହାକି ଆଜି ରାତିରେ ଠିକ୍ ଆମ ସାକ୍ଷାତରେ ଏଠାରେ ବିଦ୍ୟମାନ ଅଟେ, ଏହା ଲୋକମାନଙ୍କ ପାଇଁ ଆଶା ଆଣିବାକୁ ଆବଦ୍ଧ। ନୂତନ ଆଶାମାନ ଝଲକି ଉଠେ।

46 ହୋଇପାରେ କେହିଜଣେ କହିଲେ, "ମଣ୍ଡଳୀ କିଛି ସମୟ ପାଇଁ ଏକପ୍ରକାର ଶୁଖିଲା ରହିଆସିଛି। ଆମ ପାଖରେ—କେତେକ ମାସ ପାଇଁ—ପାଇଁ କୌଣସି ଭଲ ତଟକା ପାଣି ରହି ନ ଥିଲା। ଆମର ଏକ ଉଦ୍ଦୀପନାଟିଏ ସୁଦ୍ଧା ହୋଇ ନାହିଁ। ଏପରି ଦେଖାଯାଉଛି ଯେପରିକି ପ୍ରତ୍ୟକେ ଅତ୍ୟନ୍ତ ନିଶ୍ଚଳ ହୋଇଯାଇଛନ୍ତି, କିମ୍ବା ଅନ୍ୟକିଛି ହୋଇଯାଇଛନ୍ତି। ଆମେ କେବଳ ଗୀର୍ଜାକୁ ଯାଉ ଏବଂ ଭଜନଟିଏ ଗାଇଥାଉ, ଓ—ଓ କେତେକ ବାର୍ତ୍ତା ଶୁଣିଥାଉ ଓ ଫେରି ଯାଇଥାଉ।" ମାତ୍ର ହଠାତ୍, ତାପରେ, ଯେତେବେଳେ ଆମେ ଶୁଷ୍କ ହେବା ଆରମ୍ଭ କରିଥାଉ, ସେତେବେଳେ ଯୀଶୁ ଦୃଶ୍ୟକୁ ଆସନ୍ତି, ଆମକୁ ସତେଜ କରନ୍ତି, ଆମ ପାଇଁ କିଛି ନୂଆ ବିଷୟ ଆଣନ୍ତି। ଏହା କରିବା ପାଇଁ ସେ ସର୍ବଦା ସେଠାରେ ଉପସ୍ଥିତ ଥାଆନ୍ତି। ନୂତନ ଆଶା ସେତେବେଳେ ଆସିଥାଏ ଯେତେବେଳେ—ଯେତେବେଳେ ଯୀଶୁ ଭିତରକୁ ଆସନ୍ତି। ତାହାଙ୍କର ଉପସ୍ଥିତି ନୂତନ ଆଶା ଆଣିଥାଏ।

47 ମାର୍ଥା ଜାଣିଥିଲେ ଯେ ସେ ହିଁ ସେହି ପ୍ରକଟିତ ହୋଇଥିବା ପରମଶ୍ୱରଙ୍କ ବାକ୍ୟ ଅଟନ୍ତି। ସେ ସେହି କାଳକୁ ଦେଖିଥିଲେ। କିମ୍ବା, ଯଦି ସେ ତାହା ଜାଣି ନ ଥାଆନ୍ତେ, ତାହାହେଲେ ସେ ସେପର୍ଯ୍ୟନ୍ତ ନୈଷ୍ଠିକ ହୋଇ ରହିଥାଆନ୍ତେ। ସେ ଏପର୍ଯ୍ୟନ୍ତ ଗୀର୍ଜାର ଅଧୀନରେ ରହିଥାଆନ୍ତେ। ମାତ୍ର ସେ ସେହି ପ୍ରତିଜ୍ଞାତ ବାକ୍ୟକୁ ଦେଖିଥିଲେ। ମାର୍ଥା ସେହି ପ୍ରତିଜ୍ଞାତ ବାକ୍ୟକୁ ତାହାଙ୍କ ଦ୍ୱାରା ପ୍ରକଟିତ କରାଯାଇଥିବା ଦେଖିଥିଲେ ଏବଂ ସେ ଜାଣିଥିଲେ ଯେ ସେ ହିଁ ସେହି ଜୀବନ୍ତ ବାକ୍ୟ ଥିଲେ। ଏବଂ ଯେତେବେଳେ ସେ ଏହା ବିଷୟରେ ଶୁଣିଲେ, ତାଙ୍କୁ ଏହା ଫରକ୍ ପଡ଼ିଲା ନାହିଁ ଯେ କେତେ ଲୋକ ତାଙ୍କୁ ସମାଲୋଚନା କଲେ, ଆଉ କ'ଣ କଲେ, ସେ ତ ଯୀଶୁଙ୍କୁ ଭେଟିବା ପାଇଁ ଯେତେ ଶୀଘ୍ର ପାରିଲେ ବାହାରି ଗଲେ। ବୁଝିଲେ? ସେ ଜାଣିଥିଲେ ଯେ ସେ ହିଁ ହେଉଛନ୍ତି ସେହି ପ୍ରକଟିତ ବାକ୍ୟ।

48 ନିଃସନ୍ଦେହ ସେ ଏଲିୟଙ୍କ ସମୟରେ ତାହାଙ୍କ ବିଷୟରେ ସେହି କାହାଣୀକୁ ପାଠ କରିଥିଲେ । ତେବେ, ଯୀଶୁ ସେହି ଦିନରେ ପରମେଶ୍ୱରଙ୍କ ପ୍ରକଟିତ ବାକ୍ୟ ଥିଲେ । ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, ଏବଂ ପ୍ରଭୁଙ୍କ ବାକ୍ୟ ଭବିଷ୍ୟଦ୍‌ବକ୍ତାଙ୍କ ନିକଟକୁ ଆସିଥାଏ । ଏବଂ ସେଠାରେ ଜଣେ ସ୍ତ୍ରୀଲୋକ ଥିଲେ ଯାହାଙ୍କର ଏକ ଛୋଟ ଶିଶୁ ଥିଲା ଯାହାକି ତାଙ୍କୁ ଏକ ଆଶୀର୍ବାଦ ଦ୍ୱାରା ପ୍ରାପ୍ତ ହୋଇଥିଲା ଯାହାକି ଭବିଷ୍ୟଦ୍‌ବକ୍ତା ତାଙ୍କୁ ଆଶୀର୍ବାଦ କରିଥିଲେ, ଏବଂ ସେ ସନ୍ତାନ ପ୍ରାପ୍ତ ହୋଇଥିଲେ ।

49 ଦିନେ, ପ୍ରାୟଃ ଏଗାରଟା ବେଳେ, ତାକୁ ନିଶ୍ଚୟ ଏକ ଅଂଶୁଘାତ ହୋଇଥିବ । ସେ ତାର ପିତା ସହ କ୍ଷେତରେ ଥିଲା, ବାଇବଲ ଏପରି କହେ ନାହିଁ, ଏହା କହେ ନାହିଁ ଯେ ଏହା ଅଂଶୁଘାତ ଥିଲା, କିନ୍ତୁ ସେ କାନ୍ଦିବାକୁ ଲାଗିଲା, "ମୋର ମୁଣ୍ଡ! ମୋର ମୁଣ୍ଡ!" ଦିନ ପ୍ରାୟଃ ଏଗାରଟା ବେଳେ । ଏବଂ ତାଙ୍କର ଜଣେ ଦାସ ଥିଲା, ପିତା ତାକୁ, ଶିଶୁଟିକୁ ଘରକୁ ନେବା ପାଇଁ କହିଥିଲେ । ସେ ମଧ୍ୟାହ୍ନ ପର୍ଯ୍ୟନ୍ତ ତାର ମା'ର କୋଳରେ ଶୋଇଥିଲା, ଅସୁସ୍ଥରୁ ଆହୁରି ଅସୁସ୍ଥ ହୋଇପଡିଲା, ଓ ଶେଷରେ ମୃତ୍ୟୁବରଣ କଲା ।

50 ଏବଂ ଏପରିସ୍ଥଳେ, ନିରାଶାରେ ଯିବା ପରିବର୍ତ୍ତେ, ସେହି...ସମସ୍ତ ପଡ଼ୋଶୀ ଆସି ଚିତ୍କାର କରିବାକୁ ଲାଗିଲେ ଏବଂ ସେପରି କିଛି ଚାଲିଲା, କିନ୍ତୁ ସେହି ସ୍ଥିର ମା ଜଣକ, ତା'ର ଶିଶୁଟି ମରିଯାଇଥିଲା, ସେ ତାକୁ ଉପରକୁ ସେହି ଛୋଟ କୋଠରୀ ମଧ୍ୟକୁ ନେଇଗଲା ଯାହା ସେ ଭବିଷ୍ୟଦ୍‌ବକ୍ତାଙ୍କ ପାଇଁ ପ୍ରସ୍ତୁତ କରିଥିଲା, ଆଉ ତାକୁ *ସେହିପରି* ଭାବରେ ହିଁ, ତାହାଙ୍କ ବିଛଣା ଉପରେ ଶୁଆଇ ଦେଲା । ଏବଂ ସେ ସେହି ଦାସକୁ କହିଲା, "ମୋ ପାଇଁ ଗଧଟିଏ ସଜାଡ, ଏବଂ ତୁମେ ଗଧ ଚଢ଼ି ସିଧା ଚାଲ, ଆଉ ମୁଁ ତୁମକୁ ନ କହିବା ପର୍ଯ୍ୟନ୍ତ ତୁମେ ଅଟକିବ ନାହିଁ ।" ଓଃ ମୋର ପ୍ରଭୁ! ଏହା ହିଁ ଅଟେ!

51 ତର୍କବିତର୍କ ଏବଂ ଅନାବଶ୍ୟକ କଥାଭାଷା ପାଇଁ ଆମ ପାଖରେ ସମୟ ନାହିଁ । ସେହି ଦିନ ବିତି ଯାଇଅଛି । ଆସୁ ଆଗେଇ ଯାଉ । ଆମକୁ ସେଠାରେ ପହଞ୍ଚିବାକୁ ଅଛି । ଆମର ଗୋଟିଏ ବିଷୟ ପ୍ରୟୋଜନ ଅଛି ।

52 ତେଣୁ ସେ କହିଲା, "ତୁମେ ଆଗକୁ ବଢ଼ିଚାଲ, ଏବଂ ମୁଁ ତୁମକୁ ଆଦେଶ ନ ଦେବା ଯାଏ ତୁମେ ତୁମର ଗଧ ଚଢ଼ି ଯିବାର ଗତିକୁ କମ୍ କରିବ ନାହିଁ ।" ଏବଂ ସେମାନେ ଏଲିୟଙ୍କୁ ପାଇବା ପର୍ଯ୍ୟନ୍ତ ଗଲେ ।

53 ଏଲିୟ, ପରମେଶ୍ୱରଙ୍କ ଜଣେ ବ୍ୟକ୍ତି ହୋଇଥିବା ହେତୁ, ଖ୍ରୀଷ୍ଟଙ୍କ ପରି ନୁହେଁ; ଖ୍ରୀଷ୍ଟ ସମସ୍ତ ବିଷୟ ଜାଣିଥିଲେ, କାରଣ ସେ ପରମେଶ୍ୱର ଥିଲେ । ଏଲିୟ ପରମେଶ୍ୱରଙ୍କର ଏକ ଅଂଶ ମାତ୍ର ଥିଲେ । ତାହା ତ ଖ୍ରୀଷ୍ଟ ଏଲିୟଙ୍କଠାରେ ଥିଲେ । ଆଉ ତାହା ହିଁ ସେହି ଘଡିର ବାର୍ତ୍ତା ଥିଲା, କାରଣ ସେହି ଘଡି ପାଇଁ ପ୍ରଭୁଙ୍କର ବାକ୍ୟ ସେହି ଭବିଷ୍ୟଦ୍‌ବକ୍ତାଙ୍କ ସହିତରେ ଥିଲା ।

54 ଯୀଶୁ ସେହି ସମସ୍ତ ଭବିଷ୍ୟଦ୍‌ବକ୍ତାମାନଙ୍କର ପରିପୂର୍ଣ୍ଣତା ଥିଲେ, ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ କେବଳ ତାହାଙ୍କୁ ହିଁ ପ୍ରକାଶ କରିଥିଲେ । ତାହା ହିଁ ସବୁକିଛି ଅଟେ । ଯୋଷେଫଙ୍କ

ଠାରୁ, ତିରିଶ ଖଣ୍ଡ ରୂପା ଠାରୁ, ସର୍ବତ୍ର, ସେ—ସେ ଖ୍ରୀଷ୍ଟଙ୍କୁ ହିଁ ପ୍ରତିଚିତ୍ରିତ କରିଥିଲେ । ମୋଶା ମଧ୍ୟ ସେହିପରି କଲେ!

55 ଦାଉଦ, ପାହାଡ ଉପରେ ଏକ ତିରସ୍କୃତ ରାଜା ଭାବରେ ବସି କାନ୍ଦୁଥିଲେ, କାରଣ ସେ ପ୍ରତ୍ୟାଖ୍ୟାନ କରା ଯାଇଥିଲେ । ଏହାର ଆଠ ଶହ ବର୍ଷ ପରେ, ଦାଉଦଙ୍କ ପୁତ୍ର ଏକ ପାହାଡ ଉପରେ ବସିଥିଲେ । ସେଠାରେ ଦାଉଦଙ୍କ ଠାରେ ଖ୍ରୀଷ୍ଟଙ୍କର ଆତ୍ମା ଥିଲା । ଏବଂ ସେ…ମୋ ପ୍ରଭୁ! ସେ ଦାଉଦଙ୍କର ମୂଳ ଓ ବଂଶଜ ଉଭୟ ଥିଲେ । ତେଣୁ ସେ ପାହାଡ ଉପରେ ବସି, ଏକ ଅସ୍ୱୀକୃତ ରାଜା ଭାବରେ, କାନ୍ଦୁଥିଲେ, "ଗୋ ଯିରୁଶାଲମ, ଗୋ ଯିରୁଶାଲମ, ମାଆ କୁକୁଡା ଯେପରି ଡେଣା ତଳେ ଆପଣାର ଛୁଆକୁ ଆବରି ଥାଏ, ମୁଁ କେତେଥର ତୋତେ ଆବରିବା ପାଇଁ ଇଚ୍ଛା କଲି ।" ଏହା କ'ଣ ଥିଲା? ଏହା ସେଠାରେ ଖ୍ରୀଷ୍ଟ ଥିଲେ ।

56 ଯେତେବେଳେ ଦାଉଦ ଭଜନ ଲେଖିଥିଲେ ଏହା ସେତେବେଳେ ଖ୍ରୀଷ୍ଟ କାନ୍ଦୁଥିଲେ, "ହେ ମୋର ପରମେଶ୍ୱର, ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ? ମୋର ସମସ୍ତ ଅସ୍ଥି, ସେମାନେ ମୋ ଆଡ଼କୁ ଚାହିଁ ରହିଛନ୍ତି । ସେମାନେ ମୋର ପାଦ ଓ ମୋ ହାତଗୁଡିକୁ ବିନ୍ଧ କଲେ । ସେମାନେ ମୋର ବସ୍ତ୍ରକୁ ସେମାନଙ୍କ ମଧ୍ୟରେ ଭାଗ କଲେ । ସେମାନେ ମୋର ପୋଷାକ ପାଇଁ ଗୁଲିବାଣ୍ଟ କଲେ ।" ତାହା ତ ଖ୍ରୀଷ୍ଟ ଦାଉଦଙ୍କ ମଧ୍ୟରେ କଥା କହୁଥିଲେ । ତାହା ଠିକ୍ । ସେ ସେହି ବାକ୍ୟର ପ୍ରକଟୀକରଣ ଥିଲେ । ଖ୍ରୀଷ୍ଟ ସେହି ସବୁ ବିଷୟ ପୂରଣ କରିବାକୁ ଆସିଥିଲେ ଯାହା ଭବିଷ୍ୟଦ୍‌ବକ୍ତାମାନେ କହିଥିଲେ, କାରଣ ବାକ୍ୟ ଭବିଷ୍ୟଦ୍‌ବକ୍ତାମାନଙ୍କ ସହିତରେ ଥିଲା ।

57 ଗତ ରାତିର ପାଠ୍ୟକ୍ରମରେ ସେ ତାହା କହିଥିଲେ, ଯେ ଭବିଷ୍ୟଦ୍‌ବକ୍ତାମାନେ ତାହାଙ୍କ ବିଷୟରେ ଯାହା କହିଥିଲେ, ତାହା ସଫଳ କରିବାକୁ ସେ ଆସିଅଛନ୍ତି, କାରଣ ସେମାନଙ୍କର ନିକଟରେ ବାକ୍ୟ ଥିଲା । ଏବଂ ଏଲିୟ ପରମେଶ୍ୱରଙ୍କ ଭବିଷ୍ୟଦ୍‌ବକ୍ତା ଥିଲେ, ସେହି ଦିନର ବାକ୍ୟ ଥିଲେ ।

58 ତେଣୁ ଶୁନେମିୟା ସ୍ତ୍ରୀ ସେହି ଭବିଷ୍ୟଦ୍‌ବକ୍ତାଙ୍କ ସହିତ ଲାଗି ରହିଥିଲେ ଯେପର୍ଯ୍ୟନ୍ତ ସେ ଆସି ପରମେଶ୍ୱରଙ୍କ ଶକ୍ତି ପ୍ରକଟିତ କଲେ ନାହିଁ, ଏବଂ ନିଜକୁ ଶିଶୁଟି ଉପରେ ଶୁଆଇଲେ ନାହିଁ, ଆଉ ଶିଶୁଟି ବଞ୍ଚି ଉଠିଲା ନାହିଁ ।

59 ତେବେ ମାର୍ଥା ନିଶ୍ଚିତ ଭାବରେ ଏହି ବିଷୟ ଚିହ୍ନିଥିବେ, ଯଦିଓ ସେ ଘରର ଯତ୍ନ ନେବା, ବାସନ-କୁସନ ଧୋଇବା, ଇତ୍ୟାଦିରେ ବ୍ୟସ୍ତ ଥିଲେ । କିନ୍ତୁ ସେଠାରେ ସେ ନିଜର ଚରିତ୍ର ଦେଖାଇଲେ । ସେ ପ୍ରକୃତରେ ଦେଖାଇଲେ ଯେ ତାଙ୍କ ଭିତରେ କ'ଣ ଥିଲା । ସେ ଶୀଘ୍ର ତାହାଙ୍କୁ ଆଣିବାକୁ ବାହାରି ଗଲେ । ଯଦି ପରମେଶ୍ୱର ଏଲିୟଙ୍କ ଠାରେ ଥିଲେ, ତେବେ ପରମେଶ୍ୱରଙ୍କୁ ନିଶ୍ଚିତଭାବେ ଖ୍ରୀଷ୍ଟଙ୍କ ଠାରେ ରହିବାକୁ ଥିଲା, କାରଣ ସେ ପ୍ରମାଣ କରିଦେଇଥିଲେ ଯେ ସେ ହିଁ ସେହି ବ୍ୟକ୍ତି ଥିଲେ । ଆମେନ୍ । ମୁଁ ପସନ୍ଦ କରେ ସେହି, ସେହି ଦୃଢ଼ସଙ୍କଳ୍ପକୁ! ସେ ତାହାଙ୍କ ପାଖକୁ ଯାଆନ୍ତି । ତାଙ୍କୁ ତାହାଙ୍କ ନିକଟକୁ ଯିବାକୁ ହିଁ

ଥିଲା । ଏବଂ ସେ ସେଠାରେ ପାଇଲେ, ଯେତେବେଳେ ସେ ତାହାଙ୍କ—ତାହାଙ୍କ ନିକଟକୁ ପହଞ୍ଚିଲେ; ତେବେ ମନେରଖନ୍ତୁ, ସେ ଜାଣିଥିଲେ ଯେ ସେ କେବେ ହେଲେ ପରିବର୍ତ୍ତିତ ହୋଇ ନାହାନ୍ତି, ପୁଣି ପରମେଶ୍ୱର ତାହାଙ୍କର କାର୍ଯ୍ୟକ୍ରମକୁ କେବେ ପରିବର୍ତ୍ତନ କରନ୍ତି ନାହିଁ । ଯଦି ସେ ଏଲିୟଙ୍କଠାରେ ଥିଲେ ଏବଂ ମୃତକୁ ପୁନରୁତ୍‌ଥିତ କରିପାରୁଥିଲେ, ତେବେ ସେ ଖ୍ରୀଷ୍ଟଙ୍କଠାରେ ଥାଇ ମୃତମାନଙ୍କୁ ପୁନରୁତ୍‌ଥିତ କରିପାରନ୍ତି, ଯଦିଓ ସେ ତାହା କରିନାହାଁନ୍ତି, କାରଣ ଏହା ସେହି ସମାନ ପରମେଶ୍ୱର ଅଟନ୍ତି ।

60 ସେ ଏପର୍ଯ୍ୟନ୍ତ ପରିବର୍ତ୍ତିତ ହୋଇ ନାହାଁନ୍ତି! ସେ କଦାଚ ଯେତିକି ପରମେଶ୍ୱର ଥିଲେ ଆଜି ରାତିରେ ମଧ୍ୟ ସେତିକି ଅଟନ୍ତି । ସେ ଗତକାଲି, ଆଜି ଏବଂ ଚିରଦିନ ସମାନ ଅଟନ୍ତି । ସେ ପରିବର୍ତ୍ତିତ ହୁଅନ୍ତି ନାହିଁ ।

61 ଏବଂ ଯୀଶୁ ଜାଣିଥିଲେ ଯେ ଏହା ତାହାଙ୍କଠାରେ ଅଛି ବୋଲି ମାର୍ଥା ଜାଣନ୍ତି । ଦେଖନ୍ତୁ, କିଛି ମିନିଟ୍ ମଧ୍ୟରେ ହିଁ ଏହା ତାକୁ ପ୍ରମାଣିତ କଲା, ଯେତେବେଳେ ମାର୍ଥା ତାଙ୍କ ଭାଇ ବିଷୟରେ ତାହାଙ୍କୁ କିଛି କହିଲେ, ଆଉ ସେ କହିଲେ, "ପ୍ରଭୁ, ମୁଁ—ମୁଁ ବିଶ୍ୱାସ କରେ ଯେ ଏହା ତୁମେ ଅଟ ।"

62 ଆଉ ସେ କହିଲେ, "ମୁଁ ପୁନରୁତ୍ଥାନ ଏବଂ ଜୀବନ । ଯଦିଓ ସେ ମରିଅଛି, ତଥାପି ସେ ବଞ୍ଚିବ । ପୁଣି ଯେକେହି ଜୀବିତ ଓ ମୋଠାରେ ବିଶ୍ୱାସ କରେ ସେ କଦାପି ମରିବ ନାହିଁ । ମୁଁ ଅଟେ ।" ତାହା ତ ଜ୍ୱଳନ୍ତ ବୁଦା ମଧ୍ୟରେ ମୋଶାଙ୍କ ସହିତ ସେହି **ମୁଁ ଅଟେ** ଥିଲି । "ମୁଁ ପୁନରୁତ୍ଥାନ । ମୁଁ ଜୀବନ । ମୁଁ ସେହି ପ୍ରାଚୀର ଥିଲି । ମୁଁ ଏବେସୁଦ୍ଧା ସେହି ଅଟେ । ମୁଁ ପୁନରୁତ୍ଥାନ ଏବଂ ଜୀବନ ଅଟେ । ଯିଏ ମୋଠାରେ ବିଶ୍ୱାସ କରେ, ଯଦିଓ ସେ ମୃତ, ତଥାପି ସେ ବଞ୍ଚିବ । ଯେକେହି ବଞ୍ଚେ ଓ ମୋଠାରେ ବିଶ୍ୱାସ କରେ, ସେ କଦାପି ମରିବ ନାହିଁ ।" ଏହି ମହାନ ଦୃଢ଼ ଆଶ୍ୱାସନା ପରେ ଯାହାକି ମାର୍ଥାଠାରେ ଥିଲା, ଯେ ସେ ହିଁ ସେହି ପ୍ରତିଜ୍ଞାତ ବାକ୍ୟ ଥିଲେ; ଜଣେ ଭବିଷ୍ୟଦ୍‌ବକ୍ତା ହୋଇ ଯେତେବେଳେ ସେ କହିଥିଲେ, ସେ ମିଛ କହି ପାରନ୍ତି ନାହିଁ; ତେଣୁକରି ସେ, ଯେତେବେଳେ ସେ କହିଲେ, "ମୁଁ ହିଁ ସେହି **ମୁଁ ଅଟେ** । ମୁଁ ହିଁ ସେହି ପୁନରୁତ୍ଥାନ ଏବଂ ଜୀବନ ଅଟେ ।"

63 ସେ କହିଲା, "ମୁଁ ବିଶ୍ୱାସ କରେ ଆପଣ ହିଁ ସେହି ଜଣ, ସେହି ପରମେଶ୍ୱରଙ୍କ ପୁତ୍ର ଯିଏକି ଜଗତକୁ ଆସିବାର ଥିଲା । ଯଦିଓ ମୋ ଭାଇ ମରିଅଛି, ସେଠାରେ କବରରେ ପଡିରହିଛି, ତାର...ତାର ଶରୀର ବର୍ତ୍ତମାନ କ୍ଷୟ ପାଉଛି । କିନ୍ତୁ ବର୍ତ୍ତମାନ ସୁଦ୍ଧା, ଆପଣ ଯାହା କହିବେ, ତାହା ଘଟିବ ।" ଠିକ୍!

64 ମାର୍ଥା ତାହାଙ୍କ ଠାରୁ ଏହା ହିଁ କେବଳ କହୁଥିବାର ଶୁଣିବାକୁ ଚାହୁଁଥିଲେ! ଆମେନ୍ । ହେ, ମାର୍ଥା, ଆଜି ରାତି ଆମେ କେଉଁଠାରେ ଅଛୁ? "କେବଳ ବାକ୍ୟ କୁହନ୍ତୁ; ମୋର ଦାସ ବଞ୍ଚି ଉଠିବ!" କେବଳ ଏହା ହିଁ ତାହାଙ୍କୁ କହୁଥିବାର ଶୁଣନ୍ତୁ! ସେମାନେ ହୁଏତ ଆସି ତାଙ୍କୁ କହିଥଲେ ଯେ ସେ ଏହା କହିଛନ୍ତି, କିନ୍ତୁ ଏଠାରେ ତ ସେ ନିଜେ ଥିଲେ । ହେ ପରମେଶ୍ୱର, ଅନ୍ଧଥିବା ଆଖି

ଖୋଲିଦିଅ, ଯେପରି ସେମାନେ ଦେଖି ପାରିବେ! ଯେତେବେଳେ ସେ, ତାହାଙ୍କ ଉପସ୍ଥିତିରେ, ବାକ୍ୟ କୁହନ୍ତି, ସର୍ବଦା ପ୍ରକଟିତ ହୋଇଥାଏ ।

65 ସେ କହିଲେ, "ତୁମେ ପରମେଶ୍ୱରଙ୍କୁ ଯାହାକିଛି ମାଗିବ, ପରମେଶ୍ୱର ତାହା ତୁମକୁ ଦେବେ । ମୋତେ କେବଳ ଶୁଣିବାକୁ ଦିଅ!" ସେ ଚାହୁଁଥିଲେ ଯେ ସେ ବାକ୍ୟ କୁହନ୍ତୁ । ତାହା ହିଁ ତ ସବୁକିଛି ଥିଲା ଯାହା ସେ ଶୁଣିବାକୁ ଚାହୁଁଥିଲେ । କେବଳ ବାକ୍ୟ ପ୍ରାପ୍ତ କରିବା, ତାହାହିଁ ସବୁକିଛି ସେ ଆବଶ୍ୟକ କରୁଥିଲା, ତାହାଙ୍କ ଠାରୁ ଏହା ଶୁଣିବା ଯେ ସେ ଏହା କରିବେ ।

66 ଏବଂ ସେ ତାହା ଠିକ୍ ସେହି ସମୟରେ ହିଁ କରି ଦେଇଥାନ୍ତେ, ମାତ୍ର, ଆପଣ ଦେଖନ୍ତୁ, ପିତା ତାଙ୍କୁ ଦେଖାଇଥିବା ଦର୍ଶନ ଦ୍ୱାରା, ତାଙ୍କୁ କବର ପାଖରେ ଠିଆ ହୋଇରହିବାକୁ ଥିଲା । ଓଃ ମୋର ପ୍ରଭୁ! ଆପଣାର ବିଶ୍ୱାସକୁ ଧରିରଖନ୍ତୁ! ପରମେଶ୍ୱର ସମସ୍ତକିଛି ଠିକ୍ ଠିକ୍ କରୁଅଛନ୍ତି । ଏହାସବୁ ଠିକ୍ ହୋଇଯିବ । ମାର୍ଥା କବରକୁ ଆସିବା ପର୍ଯ୍ୟନ୍ତ କେବଳ ଅପେକ୍ଷା କରନ୍ତୁ ।

67 ଧ୍ୟାନଦିଅନ୍ତୁ, ମାର୍ଥା କେବଳ ଏତକ କହିବା ପାଇଁ ତାହାଙ୍କୁ ପାଇପାରିଥାନ୍ତେ, ଏପରିକି ଯେତେବେଳେକି ସେ ଅନତି ଦୂରରେ ଥିଲେ... ସମସ୍ତ ଆଶା ଚାଲିଯାଇଥିଲା, ସବୁକିଛି । ସେ ମରିଯାଇଥିଲେ, କବରରେ ସଢୁଥିଲେ, ମାତ୍ର କେବଳ ଏହା କହିବାର ତାହାଙ୍କଠାରୁ ଶୁଣନ୍ତି, ଏତିକି ହିଁ ତ ସେ ଚାହିଁଥିଲେ ।

68 ତେବେ ଯେତେବେଳେ ସେ କହିଲେ, "ମୁଁ ପୁନରୁତ୍ଥାନ ଏବଂ ଜୀବନ," ସେ ଏହାକୁ ବିଶ୍ୱାସ କଲେ । ସେ ଏହାକୁ ବିଶ୍ୱାସ କଲେ । ବର୍ତ୍ତମାନ ଧ୍ୟାନଦିଅନ୍ତୁ, ତେବେ ତାଙ୍କୁ ତ ଅସମ୍ଭବକୁ ବିଶ୍ୱାସ କରିବାକୁ ହିଁ ଥିଲା, ଯେତେବେଳେ ସେ ତାହାଙ୍କୁ କହୁଥିବାର ଶୁଣିଲେ, "ମୁଁ ପୁନରୁତ୍ଥାନ ଏବଂ ଜୀବନ ଅଟେ । ଯଦିଓ ସେ ମରିଅଛି, ତଥାପି ସେ ବଞ୍ଚିବ, ଏବଂ ଯେକେହି ମୋଠାରେ ବିଶ୍ୱାସ କରେ, ସେ କଦାପି ମରିବ ନାହିଁ ।" କହିଲେ, "କଅଣ ତୁମେ ଏହା ବିଶ୍ୱାସ କର?"

69 ଆଉ ମାର୍ଥା କହିଲେ, "ହଁ, ପ୍ରଭୁ, ମୁଁ ଏହା ବିଶ୍ୱାସ କରେ । ମୁଁ ବିଶ୍ୱାସ କରେ ଯେ ଆପଣ ହିଁ ସେହି ପରମେଶ୍ୱରଙ୍କ ପୁତ୍ର ଯିଏ ଜଗତକୁ ଆସିବାକୁ ଥିଲେ ।" ମୁଁ ତାହା ଭଲ ପାଏ । ମୋତେ ତାହା ଭଲ ଲାଗେ ।

70 ମୁଁ—ମୁଁ ଏହା ପୂର୍ବରୁ କହିଛି । ଏହା ପୁଣିଠାରେ ବର୍ତ୍ତମାନ ଲାଗୁ ହୋଇପାରେ । ମୁଁ କିଛି ସମୟ ପୂର୍ବରୁ ଜଣେ ମହିଳାଙ୍କ ସହ କଥାବାର୍ତ୍ତା କରୁଥିଲି, ଏହା ଏକ ନିର୍ଦ୍ଦିଷ୍ଟ ମଣ୍ଡଳୀ ଥିଲା ଯାହା ମୁଁ କିଛି ସମୟ ପୂର୍ବରୁ ଉଲ୍ଲେଖ କରିଥିଲି, ଯେଉଁମାନେକି ଯୀଶୁ ଯେ ପରମେଶ୍ୱର ଥିଲେ, ତାହାଙ୍କର ପରମେଶ୍ୱରତ୍ତ୍ୱକୁ; ବିଶ୍ୱାସ କରନ୍ତି ନାହିଁ, ସେମାନଙ୍କ ମତରେ ସେ କେବଳ ଜଣେ ଭବିଷ୍ୟଦ୍‌ବକ୍ତା, ଜଣେ ସାଧାରଣ ଲୋକ ଥିଲେ ।

71 ସେ ପ୍ରକୃତରେ, ତାହା ଥିଲେ । ସେ ତାହା ଥିଲେ, ଯୋଗ ତା ସହିତ ପରମେଶ୍ୱର ଥିଲେ । ଦେଖନ୍ତୁ, ସେ ହିଁ ସେହି ପ୍ରକଟୀକରଣ ଥିଲେ । ଯୀଶୁ ହେଉଛନ୍ତି ଶରୀର, ବାଳକ, ସେହି

ମଣିଷ; ପରମେଶ୍ୱର ତାହା ଥିଲେ ଯିଏକି ତାହାଙ୍କଠାରେ ବାସ କରୁଥିଲେ । ପରମେଶ୍ୱର ତାହାଙ୍କଠାରେ ଥିଲେ । ସେ ଜଣେ ପରମେଶ୍ୱର-ମନୁଷ୍ୟ ଥିଲେ । ସେ ଜଣେ ମଣିଷ ଥିଲେ, ତଥାପି ସେ ଶରୀରରେ ପ୍ରକାଶିତ ସେହି ପରମେଶ୍ୱର ଥିଲେ । ଯେତେବେଳେ ଆମେ ଯୀଶୁଙ୍କୁ ଦେଖୁଁ, ଆମେ ପରମେଶ୍ୱରଙ୍କୁ ଦେଖିଥାଉ । ତାହା ହିଁ ତ ସେ କହିଥିଲେ, "ଯେତେବେଳେ ତୁମେ ପିତାଙ୍କୁ ଦେଖ...ମୋତେ ଦେଖିଥାଅ, ତୁମେ ପିତାଙ୍କୁ ଦେଖିଥାଅ ।" କାରଣ, ସେ ସେହି ପ୍ରତିବିମ୍ବ ଥିଲେ, କାରଣ ସେ ସେହି ବାକ୍ୟ ଥିଲେ, ଆମେନ୍, ଯାହାକି ଆରମ୍ଭରେ ଥିଲା । ଆମେନ୍ ।

72 ସେ ଭବିଷ୍ୟଦ୍‌ବକ୍ତାମାନଙ୍କୁ "ଈଶ୍ୱର" ବୋଲି ଡାକିଲେ । କଅଣ ଆପଣ ତାହା ଜାଣନ୍ତି? ସେ କହିଲେ, "ଆପଣ ସେମାନଙ୍କୁ 'ଈଶ୍ୱର' ବୋଲି ଡାକନ୍ତି, ଯାହାଙ୍କ ନିକଟକୁ ପରମେଶ୍ୱରଙ୍କ ବାକ୍ୟ ଆସିଥାଏ । ତୁମେ ମୋତେ କିପରି ନିନ୍ଦା କରିପାର ଯେତେବେଳେ ମୁଁ କହିଥାଏ, 'ମୁଁ' ସେହି ପରମେଶ୍ୱରଙ୍କ ପୁତ୍ର'?"

73 କାରଣ, ସେହି ସମାନ ବାକ୍ୟ କହିଥିଲା ଯେ ସେ ସେଠାରେ ଥିବେ, ଏବଂ ସେଠାରେ ସେହି ବାକ୍ୟ ପୁନର୍ବାର ପ୍ରକଟିତ ହୋଇଅଛି । ଏବଂ ତଥାପି ସେମାନେ ଏହାକୁ ବିଶ୍ୱାସ କରିବେ ନାହିଁ ।

74 ଏହି ସ୍ତ୍ରୀଜଣକ ମୋତେ କହିଲା, "ମୁଁ ତୁମ ନିକଟରେ ପ୍ରମାଣ କରିପାରେ ।" କହିଲା, "ମୁଁ ତୁମର ପ୍ରଚାର ଶୁଣିବାକୁ ପସନ୍ଦ କରେ, କିନ୍ତୁ ଗୋଟିଏ ବିଷୟ ଅଛି ଯାହାକି ତୁମେ ଅତ୍ୟଧିକ କରିଥାଅ ।"

"ଆଚ୍ଛା, ତାହା କ'ଣ?"

କହିଲା, "ତୁମେ ଯୀଶୁଙ୍କ ଉପରେ ଅତ୍ୟଧିକ ଗର୍ବ କର ।"

75 ମୁଁ କହିଲି, "ମୁଁ ଆଶା କରେ ଯେ ତାହା ହିଁ ସବୁ କିଛି ଅଟେ ଯାହାକି ମୋ ବିରୁଦ୍ଧରେ ତାହାଙ୍କ ପାଖରେ ଥାଏ ।" ଆଉ ସେ କହିଲା...ମୁଁ କହିଲି, "ମୁଁ ଆଶା କରେ ଯେ ତାହା ହିଁ ସବୁ ଯାହାକି ସେ କରିପାରିବେ, ତାହା ହିଁ ସବୁ ଦୋଷ ଯାହା ସେ ମୋ ଭିତରେ ପାଇପାରିବେ ।" ମୁଁ କହିଲି, "ଯଦି ମୋ ପାଖରେ ଦଶ ହଜାର ଭାଷା ଥାଆନ୍ତା, ମୁଁ ଯଥେଷ୍ଟ କହିପାରି ନ ଥାନ୍ତି, ଓଃ, ମୋର ପ୍ରଭୁ, ଯେ ସେ କ'ଣ ଅଟନ୍ତି!"

ସେ କହିଲା, "କିନ୍ତୁ, ତୁମେ, ତୁମେ ତାହାଙ୍କୁ ପରମେଶ୍ୱର କରି ଗଢୁଥାଅ ।"

76 କହିଲି, "ସେ ତାହା ଥିଲେ । ଅଥବା, ଯଦି ସେ ତାହା ନ ଥିଲେ, ତେବେ ସେ ଦୁନିଆରେ ରହିଥିବା ସବୁଠୁ ଶ୍ରେଷ୍ଠ ପ୍ରତାରଣାକାରୀ ଥିଲେ ।"

ସେ କହିଲା, "ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ ।"

77 ମୁଁ କହିଲି, "ସେ ଜଣେ ଭବିଷ୍ୟଦ୍‌ବକ୍ତା ଥିଲେ, ଏହା ସତ୍ୟ: ଜଣେ ପରମେଶ୍ୱର-ଭବିଷ୍ୟଦ୍‌ବକ୍ତା, ବାକ୍ୟର ସେହି ପରିପୂର୍ଣ୍ଣତା ଥିଲେ । ଭବିଷ୍ୟଦ୍‌ବକ୍ତାଙ୍କ ନିକଟକୁ କେବଳ

ବାକ୍ୟ ଆସିଥିଲା, ତାହା ହିଁ ତାହାଙ୍କୁ—ତାହାଙ୍କୁ ଏକ ଭବିଷ୍ୟଦ୍‌ବକ୍ତା କରି ଗଢିଥିଲା । ମାତ୍ର ସେ ସେହି ବାକ୍ୟର ପରିପୂର୍ଣ୍ଣତା ଥିଲେ ।”

78 ଆଉ ସେ କହିଲା, “ମୁଁ ତୁମକୁ ପ୍ରମାଣ କରିପାରେ ।” କହିଲା, “ତୁମେ ତାହାଙ୍କୁ ଦିବ୍ୟ କରିଥାଅ ।”

ମୁଁ କହିଲି, “ସେ ଦିବ୍ୟ ଥିଲେ ।”

ଆଉ ସେ କହିଲା, “ସେ ଦିବ୍ୟ ହୋଇପାରନ୍ତି ନାହିଁ ।”

ମୁଁ କହିଲି, “ସେ...କିନ୍ତୁ ସେ ଥିଲେ ।”

ସେ କହିଲା, “ତୁମେ କହିଲ ଯେ ତୁମେ ବାଇବଲକୁ ବିଶ୍ୱାସ କର ।”

ମୁଁ କହିଲି, “ମୁ କରେ ।”

79 ସେ କହିଲା, “ମୁଁ ତୁମକୁ, ତୁମର ନିଜ ବାଇବଲ ଦ୍ୱାରା ପ୍ରମାଣ କରିବି, ଯେ ସେ ଦିବ୍ୟ ନୁହଁନ୍ତି ।”

80 ମୁଁ କହିଲି, “ତେବେ ଏହା କର । ଯଦି ବାଇବଲ ଏପରି କହୁଛି, ତେବେ ମୁଁ ଏହାକୁ ବିଶ୍ୱାସ କରିବି, କାରଣ ମୁଁ ବିଶ୍ୱାସ କରେ ଯେ ବାକ୍ୟ ସଠିକ ଅଟେ ।”

81 ସେ କହିଲା, “ଲାଜାରଙ୍କ କବରକୁ ଯିବା ରାସ୍ତାରେ, ଆପଣଙ୍କର ତାହା ମନେ ଥିବ ଯେ ସାଧୁ ଯୋହନ 11 ରେ?”

ମୁଁ କହିଲି, “ମୋର ନିଶ୍ଚିତ ମନେଅଛି, ମହାଶୟ ।”

82 କହିଲା, “ଆଚ୍ଛା, ତେବେ, ରାସ୍ତାରେ ଗଲାବେଳେ, ସେ କାନ୍ଦିଲେ । ବାଇବଲ କହେ, ‘ସେ କାନ୍ଦିଲେ ।’”

ମୁଁ କହିଲି, “ନିଶ୍ଚିତ ଭାବରେ ବାଇବଲ କହେ ଯେ ସେ କାନ୍ଦିଲେ ।”

କହିଲା, “ସେ କିପରି ଦିବ୍ୟ ହୋଇ କାନ୍ଦି ପାରନ୍ତି?”

ମୁଁ କହିଲି, “ସେ ମଣିଷ ଥିଲେ ।”

“ମନୁଷ୍ୟ ଓ ଦିବ୍ୟ?”

83 ମୁଁ କହିଲି, “ହଁ, ମହୋଦୟ । ଆପଣ ଦେଖିବାକୁ ବିଫଳ ହେଉଛନ୍ତି । ସେ ଜଣେ—ଜଣେ ମନୁଷ୍ୟ ଭବରେ ସେଠାକୁ ଯାଉଥିଲେ, ସେମାନଙ୍କ ସହିତ କାନ୍ଦିଥିଲେ ଯେଉଁମାନେକି କାନ୍ଦୁଥିଲେ, ତାହା ଠିକ୍, ଯେଉଁମାନେ ଦୁଃଖିତ ଥିଲେସେମାନଙ୍କ ସହିତ ଦୁଃଖିତ ହେଉଥିଲେ । ସେ ଜଣେ ମନୁଷ୍ୟ ଥିଲେ । କିନ୍ତୁ ଯେତେବେଳେ ସେ ତାଙ୍କର ଛୋଟ, ଦୁର୍ବଳ ଶରୀରଟିକୁ ସିଧା କରି ଉଠାଇଲେ, ଆଉ କହିଲେ, ‘ଲାଜାର, ବାହାରକୁ ଆସ,’ ଓ ଜଣେ ମନୁଷ୍ୟ ଯିଏକି ଚାରି ଦିନ ହେଲା ମରି ପଡିଥିଲା, ନିଜ ଗୋଡ଼ରେ ଠିଆ ହେଲା । ତାହା ତ ଜଣେ ମନୁଷ୍ୟଠାରୁ ଅଧିକ କିଛିକୁ ଆବଶ୍ୟକ କରିଥିଲା, ତାହା ତ ସେହି ମନୁଷ୍ୟ ଭିତରେ ପରମେଶ୍ୱର ଥିଲେ ।”

ପରମେଶ୍ୱର ଛଡା ମୃତମାନଙ୍କୁ କିଏ ବଞ୍ଚାଇପାରିବ? ସେ ହିଁ ସେହି ପୁନରୁତ୍ଥାନ ଏବଂ ଜୀବନ! ତାହା ଠିକ୍ ।

84 ସେହି ରାତି ସମୁଦ୍ର ମଧ୍ୟରେ, ଯେତେବେଳେ ସେ ସେଠାରେ ଥିଲେ, ଥକି ଯାଇଥିଲେ, ଡଙ୍ଗାର ପଛ ଭାଗରେ ଶୋଇ ପଡିଥିଲେ, ଯେଉଁଠାରେ ଦଶ ହଜାର ଦୁଷ୍ଟାତ୍ମାମାନେ ଶପଥ କରିଥିଲେ ଯେ ସେମାନେ ସେହି ରାତିରେ ତାହାଙ୍କୁ ବୁଡାଇ ଦେବେ, ଆଉ ସେହି ଛୋଟ ପୁରୁଣା ଡଙ୍ଗାଟି ଝଡ଼ ତୋଫାନରେ ସମୁଦ୍ର ଗର୍ଭରେ ଏଣେ ତେଣେ ବୋତଲ ଠିପି ପରି ଦୋହଲି ଭାସୁଥିଲା । ସେହି ଦୁଷ୍ଟାତ୍ମାମାନେ ଭାବିଥିଲେ, "ଆମେ ବର୍ତ୍ତମାନ ତାଙ୍କୁ ପାଇଲୁ । ସେ ଶୋଇପଡିଛନ୍ତି; ଆମେ ସମଗ୍ର ଦଳକୁ ବୁଡାଇ ଦେବୁ ।" ଓଃ, ସେ ଏକ ମନୁଷ୍ୟ ଥିଲେ, ଥକି ଯାଇଥିଲେ, କିନ୍ତୁ ଥରେ ଜାଗ୍ରତ ହେବା ପରେ, ସେ ଡଙ୍ଗାରେ ଲାଗିଥିବା ରସି ଉପରେ ତାଙ୍କ ପାଦ ଦେଇ ଠିଆ ହୋଇଥିଲେ, ଏବଂ ଉପରକୁ ଚାହିଁ କହିଲେ, "ତୁନି ହ, ଶାନ୍ତ ହୁଅ," ଆଉ ପବନ ଓ ତରଙ୍ଗମାଳା ତାଙ୍କ କଥା ମାନିଲେ । ତାହା ତ ଜଣେ ମନୁଷ୍ୟ ଠାରୁ ଅଧିକ ଥିଲା ।

85 ଯେତେବେଳେ ସେ ଭୋକିଲା ଥିଲେ ସେ ଜଣେ ମଣିଷ ଥିଲେ, ପର୍ବତରୁ ଓହ୍ଲାଇ, ରୁଟିଖଣ୍ଡକ କିମ୍ବା କିଛି ଖାଇବାକୁ, କିମ୍ବା ଗଛରୁ ଡିମ୍ବିରିଟିଏ ଖୋଜିବାକୁ ଲାଗିଲେ । କିନ୍ତୁ ଯେତେବେଳେ ସେ ପାଞ୍ଚଟି ରୋଟୀ ଏବଂ ଦୁଇଟି ମାଛ ନେଲେ, ଓ ପାଞ୍ଚ ହଜାରକୁ ଖାଇବାକୁ ଦେଲେ, ତାହା ତ ପରମେଶ୍ୱର ସେହି ମନୁଷ୍ୟ ଠାରେ ଥିଲେ । ତାହା ଠିକ୍ ।

86 ଓଃ, ପ୍ରତ୍ୟେକ ବ୍ୟକ୍ତି ଯେଉଁମାନେକି ବିନ୍ସର-ଏକ-ପାହାଡ ପରି ପରିଗଣିତ ହୋଇଥିଲେ ତାହା ବିଶ୍ୱାସ କରିଥିଲେ, ସମସ୍ତ କବି ତାହା ବିଶ୍ୱାସ କରୁଥିଲେ । କୌଣସି ଆଶ୍ଚର୍ଯ୍ୟ ନୁହେଁ ଯେ ଜଣେ ଲେଖିଥିଲେ:

> ବଞ୍ଚିରହି ସେ ମୋତେ ଭଲ ପାଇଲେ; ଓ ମରିକରି ସେ ମୋତେ ରକ୍ଷା କଲେ ।
> କବରପ୍ରାପ୍ତ ହୋଇ, ସେ ମୋ'ର ପାପକୁ ବହୁ ଦୂରକୁ ନେଇଗଲେ;
> ଉତ୍ଥିତ ହୋଇ, ସେ ସଦାକାଳ ପାଇଁ ବିନମୂଲ୍ୟରେ ଧାର୍ମିକ ଗଣନା କଲେ;
> କୌଣସି ଦିନେ ସେ ଆସୁଅଛନ୍ତି, ଓଃ ଗୌରବମୟ ଦିନ!

87 ଏଡି ପେରୋନେଟ୍, ଯିଏକି ତାଙ୍କ ଗୀତସବୁକୁ ବିକ୍ରୟ କରନ୍ତି ନାହିଁ । ଦିନେ, ପବିତ୍ର ଆତ୍ମାଙ୍କ ପ୍ରଭାବରେ ଟଳମଳ ହୋଇ, କଲମଟିଏ ଧରିଲେ, ସେ ଉଦ୍ଘାଟନୀ ଗୀତଟିଏ ଲେଖିଲେ, ଯେତେବେଳେ ସେ ଲେଖିଥିଲେ:

> ସମସ୍ତେ ଯୀଶୁଙ୍କ ନାମର ଶକ୍ତିକୁ ଅଭିବାଦନ କରନ୍ତୁ!
> ସ୍ୱର୍ଗଦୂତମାନେ ସାଷ୍ଟାଙ୍ଗ ପ୍ରଣାମ କରନ୍ତୁ;

ରାଜକୀୟ ପୋଷାକ ଆଣନ୍ତୁ,
ତାହାଙ୍କୁ ସମସ୍ତଙ୍କର ପ୍ରଭୁ ରୂପେ ମୁକୁଟାଭିଷେକ କରନ୍ତୁ!
(ହାଲେଲୁୟା!)

88 ନିଶ୍ଚିତ ଭାବରେ, ତାହା ହିଁ ସେ ଥିଲେ ବୋଲି ଆମେ ବିଶ୍ୱାସ କରୁ । ହଁ, ଆଜ୍ଞା ।

89 ଏପରିସ୍ଥଳେ ସେହି ଦିନର ଆଧୁନିକ ଚିନ୍ତାଧାରା ଭିତରେ, ମାର୍ଥାଙ୍କୁ ଅସମ୍ଭବ ବିଷୟମାନ ପ୍ରତି ବିଶ୍ୱାସ କରିବାକୁ ହିଁ ଥିଲା, ଠିକ୍ ସେହିପରି ଭାବରେ ଆପଣଙ୍କୁ ମଧ୍ୟ ନୂତନ ଜୀବନକୁ ଦେଖିବା ପାଇଁ, କିଛି ଘଟିବାର ଦେଖିବା ପାଇଁ, ଅସମ୍ଭବ ବିଷୟମାନ ପ୍ରତି ବିଶ୍ୱାସ କରିବାକୁ ହିଁ ଅଛି । କିନ୍ତୁ ଯଦି ସେ ଚିହ୍ନିଥିଲେ…ସେ ତାହାଙ୍କୁ ବାକ୍ୟ ବୋଲି ଚିହ୍ନିଥିଲେ, ତା'ପରେ ଯାଇ ଅସମ୍ଭବ ବିଷୟମାନ ହୋଇପାରେ, କାରଣ ସେ ସୃଷ୍ଟିକର୍ତ୍ତା ଅଟନ୍ତି, ଏବଂ ଯାହା ସେ କହିଛନ୍ତି ତାହା ସପକ୍ଷରେ ସେ ଠିଆ ହେବେ ।

90 "ଏବଂ ବିଶ୍ୱାସ କରୁଥିବା ଲୋକଙ୍କ ପାଇଁ ସମସ୍ତ ବିଷୟ ସମ୍ଭବ ।" ତାହା ହେଉଛି ତାହାଙ୍କର ବାକ୍ୟ । କିନ୍ତୁ ଯେତେବେଳେ ପରମେଶ୍ୱରଙ୍କୁ ତାହାଙ୍କ ବାକ୍ୟରେ ଗ୍ରହଣ କରାଯାଏ ସେତେବେଳେ ଅସମ୍ଭବ ବିଷୟମାନ ପ୍ରକାଶ ପାଇଥାଏ । ହଁ, ଆଜ୍ଞା । ଯେତେବେଳେ ପରମେଶ୍ୱରଙ୍କୁ ତାହାଙ୍କ ବାକ୍ୟରେ ଗ୍ରହଣ କରାଯାଏ, ଅସମ୍ଭବସବୁ ସେତେବେଳେ ପ୍ରକଟିତ ହୁଏ—ହୁଏ । ଯେତେବେଳେ ପରମେଶ୍ୱର କୁହନ୍ତି ଯେ ଏହା ହେବ, ସେତେବେଳେ ଆପଣ ସେହି ବାକ୍ୟକୁ ଗ୍ରହଣ କରନ୍ତୁ ଏବଂ ଦେଖନ୍ତୁ ଯେ, କ'ଣ ଅସମ୍ଭବମାନ ଘଟୁଅଛି । ଏହା ନିଶ୍ଚିତରେ ହେବ ।

91 କିନ୍ତୁ ଧ୍ୟାନ ଦିଅନ୍ତୁ, ଏସବୁ ଭିତରେ ମଧ୍ୟ, ସେହି ସ୍ତ୍ରୀ କହିଥିଲେ, "ଏପରିକି ବର୍ତ୍ତମାନ ସୁଦ୍ଧା, ପ୍ରଭୁ, ଆପଣ ପରମେଶ୍ୱରଙ୍କୁ ଯାହାକିଛି ମାଗିବେ, ପରମେଶ୍ୱର ତାହା କରିବେ ।" ସେହି ସ୍ତ୍ରୀଲୋକ ଜାଣିଥିଲେ ଯେ ସେ କେବଳ ତାହାଙ୍କଠାରୁ ସେହି ବାକ୍ୟ ଆସୁ ବୋଲି ଯଦି ପାଇ ପାରନ୍ତେ । ତାହା ହିଁ ସବୁ କିଛି ଥିଲା ଯାହାକି ତାଙ୍କୁ କରିବାର ପ୍ରୟୋଜନ ଥିଲା, ଯେ ସେହି ବାକ୍ୟକୁ ପ୍ରାପ୍ତ କରିବା । ହଁ, ଏହା ତାଙ୍କ ପାଇଁ ଘୋର ଅନ୍ଧକାରର ଘଡି ଥିଲା, ଏବଂ ଯୀଶୁ ଆସିଲେ ଓ ଡାକିଲେ । ଓଃ, କିପ୍ରକାର ଏକ ବିଷୟକୁ ସେମାନେ ଦେଖିଲେ, ଏକ ପୁନରୁତ୍ଥାନକୁ!

ଆସନ୍ତୁ ଆଉ କେତେକ ଦେଖିବା ଯେଉଁଠାରେ ଅନ୍ଧକାର ଘଡି ଆସିଥିଲା ।

92 ଏକଦା ଆୟୁବ ନାମକ, ଜଣେ ବ୍ୟକ୍ତି ଥିଲେ, ଯିଏକି ବାଇବଲର ସର୍ବ ପୁରାତନ ଭବିଷ୍ୟଦ୍‌ବକ୍ତାମାନଙ୍କ ମଧ୍ୟରୁ ଜଣେ । ସେ ଜଣେ ମହାନ ବ୍ୟକ୍ତି ଥିଲେ । ସେ—ସେ ପ୍ରଭୁଙ୍କୁ ଭଲ ପାଉଥିଲେ, ଏବଂ ସେ ସେହି ସମସ୍ତକିଛି କରିଥିଲେ ଯାହା କିପରି କରିବା କଥା ବୋଲି ସେ ଜାଣିଥିଲେ । ଏବଂ ଶୟତାନ ତାଙ୍କୁ ଚାଲୁଣିରେ ଚଲାଇବା ପରି ଚାହିଁଲା, ତେଣୁ ସେ ଦିନେ ପରମେଶ୍ୱରଙ୍କୁ କହିଲା…ହଁ, ବରଂ ପରମେଶ୍ୱର ତାକୁ କହିଲେ, "ଶୟତାନ, ତୁମ୍ଭେ କେଉଁଠାରେ ଥିଲ?"

93 ସେ କହିଲା, “ଓଃ, ପୃଥିବୀରେ ଏଣେ-ତେଣେ ଉପର-ତଳ ଭ୍ରମଣ କରୁଥିଲି ।”

94 ସେ କହିଲେ, “ତୁମେ କଅଣ ମୋର ସେବକ ଆୟୁବ ପ୍ରତି ମନ ଦେଇଛ? ପୃଥିବୀରେ ତାଙ୍କ ପରି କେହି ନାହାଁନ୍ତି । ସେ ଜଣେ ସିଦ୍ଧ ମଣିଷ ।”

95 “ଓଃ,” ସେ କହିଲା, “ନିଶ୍ଚିତ, ତୁମେ ତାକୁ ସବୁକିଛି ଦେଇଅଛ, ତାର ପାଇଁ ସବୁକିଛି କରିଅଛ । ନିଶ୍ଚିତରେ, ସେ ଜଣେ ଏକ ବଡ଼ ଲୋକ ଅଟେ । କିନ୍ତୁ ମୋତେ ଥରେ ତାକୁ ଅଧିକାର କରିବାକୁ ଦିଅ, ମୁଁ ତାର ସ୍ୱର ହିଁ ବଦଳାଇ ଦେବି । ମୁଁ ତାକୁ ତୁମ ମୁଖରେ, ତୁମକୁ ଅଭିଶାପ ଦିଆ କରାଇବି ।”

96 ସେ କହିଲେ, “ତୁମେ ଏହା କରିପାରିବ ନାହିଁ ।” ଏହା ତାହାଙ୍କର ଜଣେ ବିଶ୍ୱାସୀ ଉପରେ ଆତ୍ମବିଶ୍ୱାସ ଅଟେ । କାହିଁକି? ସେ ଅସୀମ । ସେ ଅନନ୍ତ । ସେ ଆରମ୍ଭରୁ ଶେଷ ଜାଣନ୍ତି । ସେ ଜାଣିଥିଲେ ଯେ ଶୟତାନ ଏହା କରିପାରିବ ନାହିଁ । କାରଣ, ସେ ସେହି ବାକ୍ୟ ଅଟନ୍ତି, ଆୟୁବ କ'ଣ କରିବେ ସେ ତାହା ଜାଣିଥିଲେ ।

97 ବର୍ତ୍ତମାନ, ଆୟୁବକୁ, ମନେ ପକାନ୍ତୁ, ସେ ତାଙ୍କୁ ଘାଆରେ ଆଘାତ କଲା, ତାଙ୍କ ପିଲାମାନଙ୍କୁ ମାରି ପକାଇଲା, ତାଙ୍କ ପାଖରେ ଥିବା ପ୍ରତ୍ୟେକ ବସ୍ତୁ ନେଇଗଲା । ତାଙ୍କର ସ୍ୱାସ୍ଥ୍ୟ ହାନି ହେଲା । ଏପରିକି ତାଙ୍କର ସାନ୍ତ୍ୱନାକାରୀମାନେ ମଧ୍ୟ ଆସିଥିଲେ, ଏବଂ ସେମାନେ କିଛି କରିପାରିଲେ ନାହିଁ ବରଂ କେବଳ ତାଙ୍କୁ ଗୁପ୍ତ ପାପୀ ବୋଲି ଦୋଷ ଲଗାଇଲେ । ଏବଂ ବୃଦ୍ଧ ଆୟୁବ ଏପରି ଏକ ଅବସ୍ଥାରେ ପହଞ୍ଚିଲେ ଯେ ସେ ଅତ୍ୟଧିକ ନିରାଶ ହୋଇ ପଡିଥିଲେ ।

98 ପ୍ରଥମେ, ଆପଣଙ୍କୁ ନୈରାଶ୍ୟତାରେ ଆସିବାକୁ ଅଛି । ଆପଣଙ୍କୁ ଏପରି ଏକ ସମୟକୁ ଆସିବାକୁ ଅଛି ଯେଉଁଠାରେ ଆପଣ ମାର୍ଗର ଅନ୍ତରେ ଅଟନ୍ତି ।

99 ଆୟୁବ ମାର୍ଗର ଶେଷ ଭାଗରେ ପହଞ୍ଚି ଯାଇଥିଲେ, ଯେତେବେଳେ ସେ କହିଲେ, “ଯେଉଁ ଦିନ ମୁଁ ଜନ୍ମ ହେଲି, ତାହା ଶାପଗ୍ରସ୍ତ ହେଉ । ଏପରିକି ସୂର୍ଯ୍ୟ ଆପଣା ଆଲୁଅ ପ୍ରଦାନ ନ କରୁ ଏବଂ ଚନ୍ଦ୍ର ରାତିରେ ଜ୍ୟୋତି ନ ଦେଉ, ନାମ ମଧ୍ୟ କେବେବି ଡକା ନ ଯାଉ ।” ଏବଂ ସେହି ନୈରାଶ୍ୟତାରେ, ସେତେବେଳେ ଯୀଶୁ ଆସିଲେ । ସେ ତଳକୁ ଚାହିଁଲେ ଓ କହିଲେ, “ମୁଁ ମଣିଷ ପରି, ଦେଖେ, ଫୁଲଟିଏ ମରିଯାଏ, ଏବଂ ବସନ୍ତ ଋତୁରେ ଏହା ପୁଣି ଠାରେ ଫୁଟିଉଠେ । ଯଦି ଗଛଟିଏ ଉପୁଡି ଭୂମିସାତ ହୋଇଯାଏ, ତେବେ ଏହା ଜଳର ସୁଗନ୍ଧ ପାଇଲେ ପୁନର୍ବାର ବଞ୍ଚି ଉଠେ ।” ସେ ସମସ୍ତ ଉଦ୍ଭିଦ ଜୀବନକୁ ପୁନର୍ବାର ଜୀବିତ ହେଉଥିବାର ଦେଖିଥିଲେ, କିନ୍ତୁ କହିଲେ, “ଜଣେ ଲୋକ ମରିଯାଏ, ସେ ଆତ୍ମା ତ୍ୟାଗ କରେ, ସେ କେଉଁଠାରେ ଥାଏ?” ସେ ଜାଣିଥିଲେ ଯେ ସେ ଜଣେ ବୃଦ୍ଧ ଲୋକ ଥିଲେ । ସେ କହିଲେ, “ତାଙ୍କ ପୁତ୍ରମାନେ ତାହାଙ୍କ ପାଇଁ ଶୋକ କରିବାକୁ ଆସିଲେ, କିନ୍ତୁ ସେ ତାହା ଜାଣିଲେ ନାହିଁ । ଓଃ, ତୁମ୍ଭର କ୍ରୋଧ କ୍ଷାନ୍ତ ନ ହେବା ଯାଏ, ତୁମ୍ଭେ ମୋତେ କବରରେ ଲୁଚାଇବ ଓ ଗୁପ୍ତ ସ୍ଥାନରେ ରଖିବ କି । ମୋର ନିମନ୍ତେ ଏକ ସମୟ ନିଯୁକ୍ତ କର ଏବଂ ମୋ ପାଇଁ ଏକ ସମୟ ସ୍ଥିର କର ।

ଆମେ ଗଲୁ…" ଏବଂ ସେହିପରି କଥାବାର୍ତ୍ତା, କରି ଚାଲିଥିଲେ । ସେ ତାଙ୍କର ନୈରାଶ୍ୟତାର, ଶେଷରେ ଥିଲେ, "କ'ଣ ଘଟିବ? ପତ୍ରସବୁ ବଞ୍ଚନ୍ତି, ସେସବୁ ଗଛଗୁଡ଼ିକରେ ଫେରି ଆସେ, ଫୁଲସବୁ ପୁନର୍ବାର ଫେରି ଆସିଥାଏ, ଅନ୍ୟ ସବୁକିଛି ଫେରିଆସେ, କିନ୍ତୁ ଜଣେ ଲୋକ ମରିଯାଏ ଓ ଆତ୍ମା ତ୍ୟାଗ କରେ!" ସେ ନୈରାଶ୍ୟତାରେ ଥିଲେ । ସେ ଜାଣି ନ ଥିଲେ ଯେ ତାଙ୍କ ସହିତରେ, ପୁଣି ତାଙ୍କ ସହିତରେ ସେହି ବୟସରେ କ'ଣ ହୋଇପାରେ ।

100 ଯେତେବେଳେ ସେ ତାହା କଲେ, ତତ୍ପରେ ଯୀଶୁ ଆସି ପହଞ୍ଚିଲେ । ପରମେଶ୍ୱର ତାଙ୍କ ମୁଣ୍ଡକୁ ଆକାଶ ଆଡ଼କୁ ଇଙ୍ଗିତ କଲେ, ଏବଂ ସେ ଯୀଶୁଙ୍କୁ ଶେଷ ଦିନରେ ଆସୁଥିବାର ଦେଖିଲେ ।

101 ସେହି ଘନ ଅନ୍ଧକାରର ଘଡି ଯେତେବେଳେ ତାଙ୍କ ପତ୍ନୀ କହିଥିଲେ, "ପରମେଶ୍ୱରଙ୍କୁ ଅଭିଶାପ ଦିଅ ଏବଂ ମର," ତଥାପି ସେ କହିଲେ, "ଗୋ ନାରୀ, ତୁମେ ଏକ ମୂଢା ସ୍ତ୍ରୀ ପରି କଥା କହୁଛ । ସଦାପ୍ରଭୁ ଦେଇଥିଲେ, ଏବଂ ସଦାପ୍ରଭୁ ନେଲେ, ସଦାପ୍ରଭୁଙ୍କ ନାମ ଧନ୍ୟ ହେଉ ।" ଏପରିକି ତାଙ୍କ ପତ୍ନୀ ତାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ । ତାଙ୍କ ମଣ୍ଡଳୀ ତାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲା । ପ୍ରତ୍ୟେକେ ତାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ ।

102 ସେହି ଅନ୍ଧକାରର ଘଡିରେ, ଯେଉଁ ସମୟରେକି ସେ ଜାଣି ନ ଥିଲେ ଯେ ସେ ସେଠାରୁ କେଉଁଠାକୁ ଯାଉଅଛନ୍ତି, ସେତିକିବେଳେ ଯୀଶୁ ଆସି ପହଞ୍ଚିଲେ । ତା'ପରେ ସେ ଚିତ୍କାର କରି କହିଥିଲେ, "ମୁଁ ଜାଣେ ମୋର ମୁକ୍ତିଦାତା ଜୀବିତ, ଏବଂ ଶେଷ ଦିନରେ ସେ ପୃଥିବୀ ଉପରେ ଠିଆ ହେବେ । ଆଉ ଯଦିଓ ଚର୍ମ ପୋକ ଏହି ଶରୀରକୁ ନଷ୍ଟ କରିଦିଏ, ତଥାପି ମୋ ଶରୀରରେ ମୁଁ ପରମେଶ୍ୱରଙ୍କୁ ଦେଖିବି, ଯାହାଙ୍କୁ ମୁଁ ନିଜେ ମୋ ସ୍ୱଚକ୍ଷୁରେ ଦେଖିବି ।" ତାଙ୍କର ଘନ ଅନ୍ଧକାରର ଘଡିରେ, ସେତେବେଳେ ଯୀଶୁ ଆସି ପହଞ୍ଚିଥିଲେ । ହଁ, ଆଜ୍ଞା ।

103 ମୋଶା, ମୋଶାଙ୍କ ପାଇଁ, ତାଙ୍କ ନିମନ୍ତେ ସବୁଠାରୁ ଘୋର ଅନ୍ଧକାରର ଘଡି ଇସ୍ରାଏଲରେ ଆସିଥିଲା । ସେ ଠିକ୍ ତାଙ୍କ କର୍ତ୍ତବ୍ୟରେ ନ୍ୟସ୍ତ ଥିଲେ; ବୁଦା ଭିତରେ ପରମେଶ୍ୱରଙ୍କୁ ଭେଟିଲେ ଏବଂ ପରମେଶ୍ୱର କହିଲେ, "**ମୁଁ ହିଁ ସେହି ମୁଁ ଅଟେ** ।" ସେ ତଳକୁ ଗଲେ ଏବଂ ଯନ୍ନୀସ ଓ ଯମ୍ବ୍ରୀସଙ୍କ ସମସ୍ତ ପ୍ରକାର ନକଲର ବିରୁଦ୍ଧରେ ଛିଡ଼ା ହେଲେ, ଯାହାକି ସେମାନେ ମୋଶାଙ୍କ କାର୍ଯ୍ୟକୁ ନକଲ କରିବାକୁ ଚେଷ୍ଟା କରୁଥିଲେ । ଏସମସ୍ତ ଭିତରେ, ସେ ପରମେଶ୍ୱରଙ୍କ ପ୍ରତି ନିଷ୍ଠାବାନ ହୋଇ ଠିଆ ରହିଲେ । ଶେଷରେ ସେ ଇସ୍ରାଏଲକୁ ବିଶ୍ୱାସ କରାଇଲେ । ଏଠାରେ ସେ ମିଶରରୁ ବାହାରି ଆସନ୍ତି, ଏବଂ ଉପରକୁ ସେହି—ସେହି ପ୍ରତିଜ୍ଞାତ ଦେଶକୁ ଯାତ୍ରା କରନ୍ତି, ଯେଉଁ ଦେଶ ବାବଦରେ ପରମେଶ୍ୱର କହିଥିଲେ, "ତୁମେ ଏହି ପର୍ବତରେ ମୋର ଉପାସନା କରିବ ।" ତାହା ପରମେଶ୍ୱରଙ୍କ ବାକ୍ୟ ଥିଲା । ମୋଶା ଜାଣିଥିଲେ ଯେ ତାଙ୍କୁ ସେହି ପର୍ବତକୁ ଯିବାକୁ ହେବ । ଆମେନ୍ । ପରମେଶ୍ୱର ସେପରି କହିଥିଲେ! କୌଣସି ଫାରୋ ତାଙ୍କୁ ହତ୍ୟା କରିପାରିବ ନାହିଁ । କୌଣସି ଶୟତାନ ତାଙ୍କୁ

ହତ୍ୟା କରିପାରିବ ନାହିଁ । ତାଙ୍କୁ କିଛି ହିଁ ମାରିପାରିବ ନାହିଁ । ସେ ତ ସେହି ପର୍ବତକୁ ଆସୁଛନ୍ତି । ଆମେନ୍! ହାଲେଲୁୟା! ମୁଁ ଧାର୍ମିକ ଅନୁଭବ କରୁଛି । ସେ ସେହି ପର୍ବତକୁ ଯାଉଛନ୍ତି ।

104 ତେଣୁ ଆମେ ମହିମାକୁ ଯିବା ବାଟରେ ଅଛୁ! କିଛି ହିଁ ଆମକୁ ଅଟକାଇବାକୁ ଯାଉନାହିଁ । ନା, ମହାଶୟ । ପରମେଶ୍ୱର ତାହାଙ୍କ ବାକ୍ୟକୁ ପ୍ରମାଣିତ କରିବାକୁ ଯାଉଅଛନ୍ତି । କଅଣ ଘଟେ ସେଥିରେ ମୁଁ ଖାତିର୍ କରେ ନାହିଁ, ସେ ତ ଏହାକୁ କୌଣସି ଉପାୟରେ କରିବାକୁ ଯାଉଅଛନ୍ତି । ହଁ ।

105 ତାହାଙ୍କ ମାର୍ଗରେ, ଠିକ୍ କର୍ତ୍ତବ୍ୟର ପଥରେ । ଏହିଠାରେ ସେ ଅଛନ୍ତି, ପର୍ବତଗଣ ମଝିରେ ରହିଯାଇଛନ୍ତି । ସେ ତାଙ୍କ ପଛରେ ଏକ ଗର୍ଜନକୁ ଶୁଣନ୍ତି । ଏହା କଣ ଅଟେ? ହଜାର ହଜାର ସଂଖ୍ୟାରେ, ଫାରୋଙ୍କ ରଥ, ଆସୁଛି; ଅସ୍ତ୍ରଶସ୍ତ୍ରରେ ସଜ୍ଜିତ, ଏବଂ ବର୍ଛା ପୁଣି ବିଭିନ୍ନ ବିଷୟ, ଯେପରିକି ସେମାନଙ୍କ ଉପରେ ଚଢିଯିବ ଓ ପାଦ ତଳେ ଦଳି ପକାଇବ । ସେଠାରେ ସୂଫ ସାଗର ଅଛି, ଆଉ ଯିବା ପାଇଁ ବାଟ ନାହିଁ । ସେ କ'ଣ କଲେ? ସେ ସଙ୍କଟ-...ବିପଦରେ ପଡି ଯାଇଥିଲେ । ଲୋକମାନେ ସମସ୍ତେ ଚିତ୍କାର କରିବାକୁ ଲାଗିଲେ, "ଓଃ, ଆମେ ବର୍ତ୍ତମାନ ଏଠାରେ ମଲୁ । ଫାରୋ ଆମକୁ ମାରିଦେବ, ତାର ଖଡଗସବୁ ଆମ ମଧ୍ୟ ଦେଇ ଗତି କରିବ । ଆମର ଶିଶୁମାନେ ଏଠାରେ ପ୍ରାନ୍ତରରେ ମରିଯିବେ ।"

ମୋଶା ଚିତ୍କାର କରି କହିଲେ, "ହେ ପରମେଶ୍ୱର!"

106 ଆଉ ତତ୍ପରେ ଯୀଶୁ ଦୃଶ୍ୟକୁ ଆସିଲେ । ସେ ସେହି ଅଗ୍ନି ସ୍ତମ୍ଭ ଥିଲେ । ତାହା ଠିକ୍ । ସେ ତଳକୁ ଓହ୍ଲାଇ ଆସିଲେ ଏବଂ ତା'ର ଓ ସେହି ବିପଦର ମଝିରେ ସେ ଝୁଲି ରହିଲେ । ଆମେନ୍ । ସେ ଆମର ଗତାୟତ-ମାଧ୍ୟମ ଅଟନ୍ତି । ସେ ସେହି ମଧ୍ୟରେ-ଛିଡ଼ା ହୋଇଥିବାର, ଆମେନ୍, ଜଣେ ମଧ୍ୟସ୍ଥି ଅଟନ୍ତି । ସେ ସେଠାରେ ଠିଆ ହେଲେ, ସେଠାରେ ଠିଆ ହୋଇ ରହିଲେ; ମିଶରୀୟମାନଙ୍କ ପାଇଁ ଅନ୍ଧକାର ଥିଲା, ଯେଉଁମାନେକି ଏହା ବିଷୟରେ କିଛି କରିବାକୁ ଚେଷ୍ଟା କରିବା ପାଇଁ ଆସୁଥିଲେ । ସେ ସେମାନଙ୍କ ପାଇଁ ଚାଲିଯିବା ନିମନ୍ତେ, ଆଲୋକ ଥିଲେ । ତା'ପରେ ସକାଳେ ଯେତେବେଳେ ପବନ ବାସ୍ତବରେ ଅତି ଜୋର୍ ପ୍ରବାହିତ ହେବାକୁ ଲାଗିଲା, ସେହି ରାତିରେ, ତତ୍ପରେ ସେ କ'ଣ କଲେ? ସେ ଅଗ୍ନି ସ୍ତମ୍ଭ ଆକାରରେ ଆସିଥିଲେ ।

107 ମନେରଖନ୍ତୁ, ସେ ଏବେସୁଦ୍ଧା ସେହି ଅଗ୍ନି ସ୍ତମ୍ଭ ଅଟନ୍ତି । ହଁ, ଆଜ୍ଞା । ଯେତେବେଳେ ସେ ପୃଥିବୀରେ ଥିଲେ, ସେ କହିଥିଲେ, "ମୁଁ ପରମେଶ୍ୱରଙ୍କ ଠାରୁ ଆସିଛି, ଏବଂ ମୁଁ ପରମେଶ୍ୱରଙ୍କ ନିକଟକୁ ଯାଉଛି ।"

108 ଏବଂ ତାହାଙ୍କର ମୃତ୍ୟୁ, ସମାଧି, ପୁନରୁତ୍ଥାନ ଏବଂ ଆରୋହଣ ପରେ; ସାଧୁ ପାଉଲ, ଦମ୍ମେସକକୁ ଯାଉଥିବା ତାଙ୍କର ରାସ୍ତାରେ, ସେହି ଅଗ୍ନିସ୍ତମ୍ଭ ଦ୍ୱାରା ସେ ଆଘାତ କରାଗଲେ । ମନେରଖନ୍ତୁ, ଯେ ସେ ଜଣେ ଏବ୍ରୀ ଥିଲେ । ସେ ଏହା କହି ନ ଥାନ୍ତେ...ସେ କହିଲେ, "ପ୍ରଭୁ, ଆପଣ କିଏ?" ତାହା ବଡ ଅକ୍ଷର L-o-r-d, ଏଲୋହିମ୍ ଅଟେ । "ଆପଣ କିଏ ଯାହାଙ୍କୁ ମୁଁ ତାଡ଼ନା କରୁଅଛି?"

ସେ କହିଲେ, "ଆମ୍ଭେ ଯୀଶୁ ।"

109 ଆମେନ୍! ହାଲେଲୁୟା! ସେ ପ୍ରଥମ ଓ ଶେଷ । ସେ ଏବେସୁଦ୍ଧା ସେହି ସମାନ ଅଟନ୍ତି । "ଅଳ୍ପମାତ୍ର ସମୟ ରହିଲା ଆଉ ଜଗତ ମୋତେ ଦେଖିବ ନାହିଁ, ତଥାପି ତୁମେ ମୋତେ ଦେଖିବ । ମୁଁ ତୁମ ସହିତରେ, ଏପରିକି ତୁମ ଅନ୍ତରରେ ରହିବି ।" ସେହି ସମାନ ଅଗ୍ନିସ୍ତମ୍ଭ, ସେହି ସମାନ ପରମେଶ୍ୱର, ସେହି ସମାନ ପ୍ରତିଜ୍ଞା ସହ, ସେହି ସମାନ କାର୍ଯ୍ୟ କରୁଅଛନ୍ତି, ଆମେନ୍, ତାହାଙ୍କ ନିଜ ବାକ୍ୟକୁ ପ୍ରକଟ କରୁଅଛନ୍ତି । "ମୁଁ ପୁନରୁତ୍ଥାନ ଏବଂ ଜୀବନ ଅଟେ । ମୁଁ ସେହି, ଯିଏ ଥିଲେ, ଯିଏ ଅଛନ୍ତି, ଏବଂ ଯିଏ ଆସିବେ ।" ହଁ, ମହାଶୟ । ହଁ ।

"ଆମର ପିତୃପୁରୁଷମାନେ ପ୍ରାନ୍ତରରେ ମାନ୍ନା ଖାଇଥିଲେ ।"

110 ସେ କହିଲେ, "ସେମାନେ, ସମସ୍ତେ, ମୃତ । କିନ୍ତୁ, **ମୁଁ ଯେ ଅଛି ସେ ଅଛି**" । ମୋଶା… ଜଳୁଥିବା ବୁଦା ଭିତରେ, ତାହା ତ ସେହି **ମୁଁ ଅଟେ** ଥିଲି । ସେ ଏବେସୁଦ୍ଧା ସେହି **ମୁଁ ଅଟେ** ଅଟନ୍ତି, ମୁଁ ଥିଲି ନୁହେଁ; **ମୁଁ ଅଟେ**, ବର୍ତ୍ତମାନ କାଳ, ସବୁ ସମୟରେ ।

111 ଆମେ ଏଠାରେ ପାଉ ଯେ ମୋଶାଙ୍କୁ ଠିକ୍ ଏହି କୋଣରେ ଗୋଟିଏ ପଟକୁ କରି ଦିଆ ଯାଇଥିଲା, ଏବଂ ଖ୍ରୀଷ୍ଟ ତଳକୁ ଓହ୍ଲାଇ ଆସିଥିଲେ । ତେବେ, ଏବଂ ବାଇବଲ ଏହା କହେ, ଯେ, "ମୋଶା ମିସରର ସମସ୍ତ ଧନ ଅପେକ୍ଷା ଖ୍ରୀଷ୍ଟଙ୍କ—ଙ୍କ ନିନ୍ଦାର ସହଭାଗୀ ହେବା ଅଧିକ ପସନ୍ଦ କଲେ ।" ଖ୍ରୀଷ୍ଟଙ୍କ ସକାଶେ ନିନ୍ଦା! ଖ୍ରୀଷ୍ଟ ଥିଲେ ସେହି ଅଭିଷେକ, ସେହି ଲୋଗୋସ ଯିଏକି ପରମେଶ୍ୱରଙ୍କଠାରୁ ବାହାରି ଥିଲେ । ସେହି ଦୂତ, ଯେକୌଣସି ବାଇବଲ ପାଠକ ଜାଣନ୍ତି ଯେ ସେହି ଦୂତ ଖ୍ରୀଷ୍ଟ ଥିଲେ । ଆଉ ସେଠାରେ ସେ ପ୍ରାନ୍ତରରେ ଥିଲେ, ଏବଂ ସେ ଦୃଶ୍ୟକୁ ଆସିଥିଲେ, ସେହି ରୂପରେ ଯେଉଁ ରୂପରେକି ତାଙ୍କୁ ସମ୍ଭବତଃ ପ୍ରକାଶିତ ହେବାକୁ ଥିଲା । ପରମେଶ୍ୱରଙ୍କ ମହିମା ହେଉ!

112 ସେ ଆଜି ସେହି ସମାନ ଖ୍ରୀଷ୍ଟ, ପ୍ରକଟିତ ହୋଇଥିବା ରୂପରେ, ଆସିଥାନ୍ତି ।

113 ସେ ସେମାନଙ୍କୁ ବାହାର କରି ଆଣିବେ ବୋଲି କହିଥିଲେ । ସେ ଏହା ସାଧନ କରୁଥିଲେ । ସେଠାରେ ସେ ତାହାଙ୍କ ବାକ୍ୟର ସପକ୍ଷରେ ଠିଆ ହେବାକୁ, ଏହାକୁ ପ୍ରମାଣ କରିବାକୁ ଆସିଥିଲେ । ତା'ପରେ ସେ ମାର୍ଥାଙ୍କ ନିକଟକୁ ଆସିଥିବା ପରି, ସେ ଆସିଥିଲେ, ତା'ପରେ ସେ ଡାକିଲେ । ସେ କହିଲେ, "ମୋଶା, ତୁମେ ଆମକୁ କାହିଁକି ଡାକ ପକାଉଅଛ? ଏହି ଲୋକମାନଙ୍କୁ କୁହ, ଯେ ତୁମେମାନେ ଆଗକୁ ଯାଅ ।" ସେହି ଅନ୍ଧକାରର ଘଡିରେ, ସୁଫ ସାଗର ଖୋଲିଗଲା ଏବଂ ସେମାନେ ପରମେଶ୍ୱରଙ୍କ ବାକ୍ୟ ସଫଳ କରିବାକୁ ସେମାନଙ୍କ ମାର୍ଗରେ ଯାତ୍ରା କଲେ, ଓ ସେମାନେ ପାର ହୋଇଗଲେ । ହଁ, ମୋଶାଙ୍କ ଘୋର ଅନ୍ଧକାର ଘଡିରେ, ତେବେ ଯୀଶୁ ଆସି ପହଞ୍ଚିଲେ । ବର୍ତ୍ତମାନ ଆମ ପାଖରେ ସମୟ ଅଛି…ଆଉ ସେ ମୋଶାଙ୍କୁ ଡାକିଲେ ।

114 ଆମେ ଆପଣଙ୍କର ଧ୍ୟାନକୁ ଅନ୍ୟ ଏକ ଛୋଟ ଲୋକ ପ୍ରତି ଆକର୍ଷିତ କରିବାକୁ ଚାହୁଁଛୁ । ତାଙ୍କର ନାମ ଥିଲା ଯାଇରସ । ଆଜି ଜଗତରେ ସେମାନଙ୍କ ପରି ଅନେକେ ଅଛନ୍ତି । ସେ ଜଣେ

ଗୁପ୍ତ ବିଶ୍ୱାସୀ ଥିଲେ । ସେ ଯୀଶୁଙ୍କୁ ଭଲ ପାଉଥିଲେ । ସେ ତାହାଙ୍କ ବିଷୟରେ ଶୁଣିଥିଲେ । ସେ ତାହାଙ୍କୁ ବିଶ୍ୱାସ କରୁଥିଲେ । କିନ୍ତୁ, ଆପଣ ଦେଖନ୍ତୁ, ସେ ନିଜକୁ ଏକ ସଂଗଠନରେ ଯୋଗ କରି ସାରିଥିଲେ । ହଁ । ସେ—ସେ—ସେ—ସେ ମାତ୍ର...ସେ ସେଥିରୁ ବାହାରି ଆସି ଏହାକୁ ସ୍ୱୀକାର କରିପାରି ନ ଥିଲେ । ସେ ଏହାକୁ ବିଶ୍ୱାସ କରିଥିଲେ, କିନ୍ତୁ ସେ ଏହାକୁ ସ୍ୱୀକାର କରିପାରି ନ ଥିଲେ, ତେଣୁ ସେ ଅବିଶ୍ୱାସୀମାନଙ୍କ ସହ ମିଶି ଯାଇଥିଲେ । କିନ୍ତୁ ସେ ପ୍ରକୃତରେ ଏହାକୁ ବିଶ୍ୱାସ କରୁଥିଲେ ।

115 ଆପଣ ଜାଣନ୍ତି, ଯେତେବେଳେ ଜଣେ ବ୍ୟକ୍ତି ସେପ୍ରକାର ଅବସ୍ଥାରେ ଆସିଥାଏ, ବେଳେ ବେଳେ ପରମେଶ୍ୱର ତାକୁ ଚରମ ପରୀକ୍ଷାରେ ଆଣିଥା'ନ୍ତି । ଏହା ତ ନୈରାଶ୍ୟତାର ସମୟ ଥାଏ ଯେତେବେଳେ ଆମେ ପ୍ରକୃତରେ ଆମର ରୂପ ଦେଖାଇଥାଉ, ଯେ ଆମେ ପ୍ରକୃତରେ କ'ଣ ଅଟୁଁ ।

116 ତେଣୁ ସେ ସେଠାରେ ଥିଲେ, ସେ ଅବିଶ୍ୱାସୀମାନଙ୍କ ସହିତ ସଂଯୋଗ ହୋଇସାରିଥିଲେ, ଏବଂ ସେ ବାହାରି ଯାଇଥିଲେ ଏବଂ ପୁସ୍ତକରେ ତାଙ୍କ ନାମ ଲେଖାଇ ସାରିଥିଲେ, ଆଉ ଏହିପରି କିଛି । ଆହୁରି ସେ ଜଣେ ଯାଜକ ଥିଲେ, ଆଉ ତେଣୁ ସେ—ସେ କ୍ୱଚିତ ହିଁ ଏକ ସ୍ୱୀକାରୋକ୍ତି କରିପାରି ନ ଥିଲେ, 'କାରଣ ତାହା ଥିଲା ତାଙ୍କର ଭୋଜନର ଟିକେଟ୍ । ତେଣୁ, ସେ କିନ୍ତୁ ତଥାପି ଯୀଶୁଙ୍କୁ ବିଶ୍ୱାସ କଲେ ।

117 ଦିନେ, ତାଙ୍କ ଛୋଟ ଝିଅ ଅସୁସ୍ଥ ହୋଇଗଲା । ଓଃ, ମୋର ପ୍ରଭୁ । ସେ, ନିସନ୍ଦେହତଃ ସେହି ବ୍ୟକ୍ତି, ଯଦି ସେ...ସେହିପରି ଭାବରେ, ଚିକିତ୍ସକଙ୍କୁ ଡାକିଥିବେ । ଚିକିତ୍ସକ ଆସିଲେ, ପିଲାଟିକୁ ନିରୀକ୍ଷଣ କଲେ । ତା'ର ଜ୍ୱର ଅଧିକରୁ ଅଧିକତର ମନ୍ଦ ହେଉଥିଲା । କିଛି ସମୟ ପରେ ଝିଅଟିର ଦେହ ଅତ୍ୟନ୍ତ ଉଷ୍ଣ ହେଲା, ଏବଂ ସବୁକିଛି, ଶେଷରେ ସେ ମୃତ୍ୟୁ ମୁଖକୁ ଆସିଗଲା । ସେ ଦୁଃଖ ନିରାଶାରେ ଥିଲେ । ତାଙ୍କୁ କିଛି କରିବାକୁ ଥିଲା । ସେ—ସେ ମାତ୍ର କଣ କରିବେ ତାହା ଜାଣି ନ ଥିଲେ । ତେବେ ସେ ଭାବିଲେ, "ଯେଉଁଠାରେ ବି ସେ ଅଛନ୍ତି, ଯଦି ମୁଁ କେବଳ ତାହାଙ୍କୁ ପାଇପାରିବି ।" ତେବେ ସେ ନୀକଦୂମ କରିଥିବା ପରି, ବ୍ୟକ୍ତିଗତ ସାକ୍ଷାତକାର ପାଇଁ, ରାତି ହେବା ପର୍ଯ୍ୟନ୍ତ କଦାପି ଅପେକ୍ଷା କରି ନ ଥିଲେ । କାର୍ଯ୍ୟ କରିବା ନିମନ୍ତେ ସମୟ ଥିଲା, କାର୍ଯ୍ୟ କରାଯିବା ପାଇଁ ସେହି ସମୟ ଆସି ଯାଇଥିଲା ଏବଂ ତାହାଙ୍କୁ ସେତେବେଳେ କାର୍ଯ୍ୟ କରିବାକୁ ହିଁ ଥିଲା ।

118 ଏବଂ ମୁଁ ଭାବୁଛି, ଭାଇ, ଭଉଣୀ, ବର୍ତ୍ତମାନ ସେହି ସମାନ ବିଷୟ ଅଟେ । କାର୍ଯ୍ୟ କରାଯିବା ନିମନ୍ତେ ସମୟ ଆସିଯାଇଛି । ବିଶ୍ୱାସ କରିବାର ଅବା ବିଶ୍ୱାସ ନ କରିବାର ସମୟ ଆସିଯାଇଛି । ସେହି ପୃଥକକାରୀ ରେଖା ପ୍ରତ୍ୟେକ ପୁରୁଷ ଏବଂ ମହିଳାଙ୍କ ନିକଟକୁ ଆସିଥାଏ । ଏହା ପ୍ରତ୍ୟେକ ପିଲାଙ୍କ ନିକଟକୁ ଆସିଥାଏ । ବେଳେବେଳେ ଯେତେବେଳେ ଆପଣ ସେହି ରେଖା ଅତିକ୍ରମ କରିଯାଆନ୍ତି, କେବଳ ଗୋଟିଏ ଜିନିଷ ବାକି ଥାଏ, ତାହା

ହେଉଛି ବିଚାର, ଯେତେବେଳେ ଆପଣ ଦୟା ଏବଂ ବିଚାର ମଧ୍ୟରେ ଅତିକ୍ରମ କରିଥାଆନ୍ତି, ଯେତେବେଳେ ଆପଣ ସେହି ରେଖା ଅତିକ୍ରମ କରିଥାଆନ୍ତି ।

119 ମନେରଖନ୍ତୁ, ସେ ଦୁଃଖ ନିରାଶାରେ ପଡ଼ିଲେ । ସେ କଣ କରିବେ ଜାଣି ନ ଥିଲେ । ସେଠାରେ ତାଙ୍କର ଯାଜକମାନେ ଠିଆ ହୋଇଥିଲେ, ସମସ୍ତ ଗୁରୁ ତାଙ୍କ ଚାରିପାଖରେ ଠିଆ ହୋଇଥିଲେ । ସହଭାଗିତା ସମସ୍ତେ ସେଠାରେ ତଳେ, ତାଙ୍କ ସହିତରେ ରହିଥିଲେ, ତାଙ୍କ ଛୋଟ ଝିଅକୁ ମରୁଥିବା ଦେଖୁଥିଲେ । ଡାକ୍ତର ହାତ ଦୁଇଟିକୁ ମୋଡି, ବାହାରେ ଠିଆ ହୋଇଥିଲେ, ହାତ ଛିଚାଡି କହିଲେ, "ମୁଁ ଜାଣିଥିବା ପ୍ରତ୍ୟେକ ଔଷଧ ଦେଇଅଛି, ଆଉ ତଥାପି…"

120 ଦେଖନ୍ତୁ, ଏହା ତ ଯୀଶୁ ସବୁବେଳେ କାମ କରୁଥିଲେ । ଯୀଶୁ ସେହି ଛୋଟ ବ୍ୟକ୍ତିଠାରୁ, ତାର ଚରିତ୍ରକୁ ଉଜାଗର କରିବା ଉଦ୍ଦେଶ୍ୟରେ ଏହା କରୁଥିଲେ । କିଛି ସମୟ ପରେ, ମୁଁ ଦେଖିପାରୁଛି ଯେ ସେ ତାଙ୍କ ଛୋଟ କଳା ଟୋପିଟି ଆଣିଲେ ଏବଂ ଏହାକୁ ଲଗାଇଲେ, ତାଙ୍କ ଛୋଟ ପୁରୋହିତ ପୋଷାକଟିକୁ ପିନ୍ଧିଲେ ।

"ଆପଣ କେଉଁଠାକୁ ଯାଉଅଛନ୍ତି?"

121 "ମୁଁ'…ମୁଁ ଶୁଣିଲି ଯେ ସେ ନଦୀ କୂଳରେ ଅଛନ୍ତି । ମୁଁ ତାଙ୍କୁ ଆଣିବା ପାଇଁ ଯାଉଛି!" ଓଃ ମୋର ପ୍ରଭୁ! ଆଉ ସେ ଚାଲିଗଲେ!

122 ସେହି ଦୁଃଖ ନିରାଶାର ସମୟରେ, ତାଙ୍କୁ ଏକ ନିଷ୍ପତ୍ତି ନେବାକୁ ପଡିଥିଲା: ଯେ ତାଙ୍କର ସନ୍ତାନକୁ ମରିବାକୁ ଦେଉନ୍ତୁ, ଅବା ସେ ଜାଣିଥିଲେ ଯେ ତାହା ସେହି ବାକ୍ୟର ପ୍ରକଟୀକରଣ ଥିଲା । ସେ ଜଣେ ଯାଜକ ଥିଲେ, ଏବଂ ସେ ବାକ୍ୟ ପାଠ କରିଥିଲେ, ଏବଂ ସେ ଜାଣିଥିଲେ ଯେ ତାହା ପରମେଶ୍ୱରଙ୍କ ପ୍ରକଟୀକରଣ ଥିଲା । ପରମେଶ୍ୱର ଖ୍ରୀଷ୍ଟଙ୍କଠାରେ ଥିଲେ, ଜଗତକୁ ନିଜ ସହିତ ପୁନର୍ମିଳନ କରୁଥିଲେ । ସେ ତାହା ଜାଣିଥିଲେ, ଏବଂ ତାଙ୍କୁ ଏହି ପ୍ରସଙ୍ଗ ମଧ୍ୟକୁ ବାଧ୍ୟ କରାଯାଇଥିଲା । ତାଙ୍କୁ ଏକ ଭୁଲ୍ କରିବାକୁ ପଡିଥିଲା, ତାର ପିଲାକୁ ମରିବାକୁ ଦେବା, କିଅବା ନିଜର ସ୍ୱୀକୃତିକୁ ପ୍ରକାଶ କରିବା । ଯେତେବେଳେ ସେ ସେହି କଷ୍ଟ ପୀଡାରେ ପଡ଼ିଲେ, ଏହା ସେହି ସମୟ ଥିଲା ଯେତେବେଳେ ଯୀଶୁ ଆସିଲେ । ସେ ତାହାଙ୍କୁ ଦେଖା କରିବାକୁ ଗଲେ । ସେ କହିଲେ—ସେ କହିଲେ, "ତୁମେ ଯାହା କହିବ, ମୁଁ ତୁମ ସହିତ ଯିବି ।" ଏବଂ ମାର୍ଗରେ, ଏଠାରେ ଜଣେ ଧାବକ ଆସେ, ସେଠାରେ ସେହି ଅନ୍ଧକାର ବିଷୟ ରହିଛି । ସେ ଯେ ତାଙ୍କୁ ବିଶ୍ୱାସ କରନ୍ତି, ତାହା ସେ ସ୍ୱୀକାର କରି ସାରିଥିଲେ । ସେ ସେତେବେଳେ ନିଜକୁ ଅଲଗା କରିସାରିଥିଲେ, ଏବଂ ନିଜକୁ ସର୍ବସାଧାରଣଙ୍କ ଦୃଷ୍ଟିଗୋଚରରେ ରଖି ସାରିଥିଲେ, ଯେ ସେ ଯୀଶୁଙ୍କଠାରେ ଜଣେ ବିଶ୍ୱାସୀ ଥିଲେ ।

123 ଏବଂ ଏଠାରେ ଜଣେ ଧାବକ ଆସିଲେ, କହିଲେ, "କାହାରିକୁ ହଇରାଣ କର ନାହିଁ, କାରଣ ତୁମର ଝିଅ ମରିସାରିଛି । ସେ ଗତକାଲି ପ୍ରାଣତ୍ୟାଗ କରିଛି । ସେ ମରିସାରିଛି । ଏଥି ଯୋଗୁଁ ଆଉ କାହାରିକୁ କଷ୍ଟ ଦିଅନ୍ତୁ ନାହିଁ, ନାହିଁ ।"

124 ଏବଂ, ଓଃ, ତାର ଛୋଟ ହୃଦୟଟି ବିଫଳ ହେବା ପରି ଲାଗିଲା। କିନ୍ତୁ ସେ ଅନାଇଲେ ଓ ଯୀଶୁଙ୍କ ସେହି ଆଖିଗୁଡ଼ିକୁ ଦେଖିଲେ, କହିଲେ, "ମୁଁ କି ତୁମକୁ କହି ନାହିଁ? ଭୟ କର ନାହିଁ, ଯଦି ତୁମେ ପରମେଶ୍ୱରଙ୍କ ମହିମା ଦେଖିବାକୁ ଚାହୁଁଛ। ତୁମେ କେଉଁ ବିଷୟରେ ଭୟ କରୁଅଛ? ମୁଁ ତୁମକୁ କହିସାରିଛି ଯେ ମୁଁ ଯିବି।"

125 ସେ ଆସିବେ ବୋଲି ଆଗରୁ କହି ସାରିଛନ୍ତି। ସେ ଏହା କରିବେ ବୋଲି ଆଗରୁ କହି ସାରିଛନ୍ତି ଏବଂ ଏଠାରେ ସେ ଏହା କରୁଛନ୍ତି। ଆମେନ୍। ସେ କହିଥିଲେ ଯେ ଶେଷ ଦିନରେ ସେ ଦୃଶ୍ୟରେ ଉଠି ଆସିବେ ଏବଂ ଏହି ବିଷୟସବୁ କରିବେ ଯାହା ସେ କରିଥିଲେ, ଯେପରି ଆମେ ଗତ ରାତିରେ ପାଠ କରିଥିଲୁ ଓ କହିଥିଲୁ। ଏଠାରେ ସେ ତାହା କରୁଅଛନ୍ତି। କ'ଣ ପାଇଁ ତୁମେ ଡରୁଛ?

126 ମନେରଖନ୍ତୁ, ଯେତେବେଳେ ସେ ଆସିଲେ, ଏବଂ ସେ ତାକୁ ମୃତ୍ୟୁ ମଧ୍ୟରୁ ଡାକିଲେ। ସେ ଦୃଶ୍ୟକୁ ଆସିଲେ ଓ ତାକୁ ମୃତ ଅବସ୍ଥାରୁ ଡାକିଥିଲେ।

ସେହି ବୃଦ୍ଧ ଅନ୍ଧ ବର୍ଟୀମୟ, ଥରେ, ତାଙ୍କର ଘୋର ଅନ୍ଧକାର ସମୟର ସମ୍ମୁଖୀନ ହୋଇଥିଲେ।

127 ଯୀଶୁ ସେଠାରେ ତଳେ ଥିଲେ, ସେଠାରେ ତଳେ ଯିରୀହୋରେ—ରେ ଏକ ପୂର୍ଣ୍ଣ ସୁସମାଚାର ବ୍ୟବସାୟୀ ପୁରୁଷ ସଂଘଙ୍କ ଜଳଖିଆ ଆୟୋଜନ କରିଥିଲେ, ଏବଂ ସେଠାରେ ସେ ଜକ୍କିୟଙ୍କୁ ଦେଖା ପାଇଥିଲେ। ରାସ୍ତାରେ ଗଲା ବେଳେ, ସେ ତାଙ୍କୁ ଏକ ଗଛରେ ଭେଟିଥିଲେ। ତେଣୁ ଯେତେବେଳେ ସେ ଥିଲେ…ତେବେ, ସେ ଅନ୍ୟକିଛି ସଂଗଠିତ କରିବେ ନାହିଁ, ମୁଁ ଏଥିରେ ସୁନିଶ୍ଚିତ ଅଟେ। ବୁଝିଲେ? ତେଣୁ ଯେତେବେଳେ ସେ ସେଠାକୁ ଆସିଲେ, ଏବଂ ସେ—ସେ ତାଙ୍କୁ ଦେଖା ପାଇଥିଲେ, ଜକ୍କିୟ ତାଙ୍କ ସହିତ ଯାଇଥିଲେ।

128 ବୃଦ୍ଧ ଅନ୍ଧ ବର୍ଟୀମୟ ଛୋଟଟିବେଳୁ ଅନ୍ଧ ଥିଲେ। ତେଣୁ ସେ ଭାବିଲେ ଯେ ଯୀଶୁ ସେହି ଫାଟକରୁ ବାହାରକୁ ଆସିପାରନ୍ତି, ଆଉ ସେ ଅପେକ୍ଷା କରିଥିଲେ। କିଛି ସମୟ ପରେ ସେ ଅନେକ କୋଳାହଳ ଶୁଣିଲେ, ଏବଂ ପ୍ରେତ୍ୟକେ ସେହି ବାଟ ଦେଇ ଆସୁଥିଲେ।

129 ସେ ସେହି ଯାଜକକୁ ଏହା କହୁଥିବାର ଶୁଣିଲେ, "ହଇ ହୋ! ହଇ ହୋ, ତୁମେ, ତୁମେ ସେଠାରେ ପାହାଡ ଉପରକୁ ଯାଉଛ! କଅଣ—କଅଣ—କଅଣ…ଆମ୍ଭେମାନେ ଶୁଣୁଛୁ ଯେ ତୁମେ ମୃତମାନଙ୍କୁ ଉଠାଇ ଥାଉ। ଆମ ପାଖରେ ଏଠାରେ ଉପରେ ମୃତ ବ୍ୟକ୍ତିମାନଙ୍କରେ ପରିପୂର୍ଣ୍ଣ ଏକ ସମାଧିସ୍ଥଳ ଅଛି। ଯଦି ତୁମେ ମଶୀହ, ଯଦି ତୁମେ ମଶୀହ ଅଟ, ତେବେ ଏଠାକୁ ଆସ ଏବଂ ଏହି ମୃତମାନଙ୍କୁ ପୁନରୁତ୍ଥିତ କର।"

130 ଆପଣ ଜାଣିଛନ୍ତି, ସେହି ସମାନ ଶୟତାନ ଏବେବି ଜୀବିତ ଅଛି, ଦେଖନ୍ତୁ, ଧର୍ମ ରୂପରେ, ସେହି ସମାନ ଭାବରେ। ବୁଝିଲେ?

131 "ଯଦି ତୁମେ ମଶୀହ, ଆମ୍ଭେମାନେ...ତୁମେ ମୃତମାନଙ୍କୁ ଉଠାଅ; ଆମର ଏଠାରେ ମୃତ ବ୍ୟକ୍ତିମାନଙ୍କରେ ପରିପୂର୍ଣ୍ଣ ଏକ କବର ଅଛି। ଆସ।" ଏବଂ, ଓଃ, ସମସ୍ତେ ଚିତ୍କାର କରୁଛନ୍ତି। ଜଣେ ଚିତ୍କାର କରୁଛି, "ଭବିଷ୍ୟଦ୍‌ବକ୍ତାଙ୍କୁ ହୋସାନ୍ନା!" ଅନ୍ୟ ଜଣେ *ଏହା, ତାହା,* ଅବା *ଅନ୍ୟକିଛି* ଚିତ୍କାର କରୁଛି। ଏପରି ଦ୍ୱନ୍ଦ୍ୱ!

132 ଏହି ବୃଦ୍ଧ ଅନ୍ଧ ଲୋକଟି ଭାବିଲା, "ଓଃ, ମୁଁ ତାହାଙ୍କୁ ହରାଇ ଦେଲି। ସେ ସେଠାରେ ତଳକୁ ଆସିଥିଲେ, ଆଉ ମୁଁ ଭାବିଲି ଯେ ସେ ଏଠାକୁ ଆସିବେ। ମୋତେ ଭୁଲ ସ୍ଥାନରେ ରଖାଯାଇଛି।" ଆଉ ସେ ଚିତ୍କାର କରିବାକୁ ଲାଗିଲେ। ସେ ଭାବିଲା, "ଯଦି ସେ ବାକ୍ୟ, ତେବେ ସେ ପରମେଶ୍ୱର ଅଟନ୍ତି; ତାହାଙ୍କୁ ନିଶ୍ଚିତରେ ହେବାକୁ ଅଛି।" ତେଣୁ, "ହେ ଦାଉଦଙ୍କ ପୁତ୍ର, ଯୀଶୁ, ମୋତେ ଦୟା କର!" ସେହି ନିରାଶାର ଘଡିରେ, ସେ ଡାକ ପକାଇଲେ।

133 ତେବେ ଯୀଶୁ, ଯଦି ଆପଣ ଏହାକୁ ଚିହ୍ନିତ କରିବେ, ଯିରୀହୋରେ ଥିଲେ। ଯେଉଁଠାରେ ସେ ବସିଛନ୍ତି ବୋଲି ସେମାନେ କହିଥିଲେ, ସେ ଯୀଶୁଙ୍କଠାରୁ ଶହେ ପଚାଶ ପାହା ଦୂରରେ ଥିଲେ। ଯେହେତୁ ହଜାର ହଜାର ଲୋକ ତାଙ୍କ ଚାରିପାଖକୁ ମାଡି ଆସୁଥିଲେ, ସେ ସେହି ଲୋକର କ୍ରନ୍ଦନ ଶୁଣି ପାରି ନ ଥିବେ। ନା। ମାତ୍ର ସେ ଏହା ଅନୁଭବ କଲେ। ସେ ଅଟକି ଗଲେ।

134 ଏହି ରାତିଗୁଡିକ ମଧ୍ୟରୁ କୌଣସି ଏକ ରାତି, ମୁଁ ପ୍ରଚାର କରିବାକୁ ଚାହେଁ: "ତା'ପରେ ଯୀଶୁ ଅଟକି ଗଲେ।" ଓଃ! "ତା'ପରେ ଯୀଶୁ ଲୁହିଁ ପଡ଼ିଲେ।" ଓଃ!

135 ମାତ୍ର ଯେତେବେଳେ ଯୀଶୁ ଅଟକି ଗଲେ, ଏହା କ'ଣ ଥିଲା? ସେ ତାଙ୍କୁ ଡାକିଲେ। "ଗୁରୁ ଆସିଅଛନ୍ତି। କ୍ଳାନ୍ତ ହୁଅ ନାହିଁ," ଶିଷ୍ୟମାନେ କହିଲେ, "ସେ ତୁମ୍ଭକୁ ଡାକନ୍ତି। ସେ ତୁମକୁ ଡାକୁଅଛନ୍ତି।" ତାଙ୍କୁ ସେହି ଭିଡ଼ ମଧ୍ୟରୁ ଡାକିଲେ।

ସେ ବର୍ତ୍ତମାନ ସେହି ସମାନ କାର୍ଯ୍ୟ କରୁଅଛନ୍ତି। କଣ ଏହା ନିମଜ୍ଜିତ ହେଉଅଛି କି? ବୁଝିଲେ?

136 "ଗୁରୁ ଆସିଅଛନ୍ତି ଓ ତୁମକୁ ଡାକିଅଛନ୍ତି।" ସେ ତାଙ୍କୁ ଅନ୍ଧତ୍ୱ ଅବସ୍ଥାରୁ ଆଲୋକକୁ, ଅନ୍ଧକାରରୁ ଆଲୋକ ଆଡକୁ ଡାକିଲେ। ଏବଂ ସେ ତାଙ୍କୁ, ମୃତ୍ୟୁରୁ ପାରକରି ଜୀବନକୁ ଡାକିଥିଲେ। "ଗୁରୁ ଆସିଅଛନ୍ତି ଏବଂ ସେ ଆପଣଙ୍କୁ ଡାକନ୍ତି।" ଏବଂ ଯେତେବେଳେ ସେ ତାଙ୍କୁ ଡାକିଲେ, ସେ ତାଙ୍କୁ ତାଙ୍କର ଦୃଷ୍ଟିଶକ୍ତି ପୁନର୍ବାର ଫେରାଇ ଦେଲେ।

137 ରକ୍ତସ୍ରାବ ସମସ୍ୟା ଥିବା ସେହି ଛୋଟ ମହିଳାଟି, ଥରେ, ସେହି ପାହାଡ ଉପରେ, ବୈଦ୍ୟମାନଙ୍କ ପଛରେ, ତାର ସମସ୍ତ ଟଙ୍କା ବ୍ୟୟ କରିଦେଇଥିଲା। ସେ, ଏଥିରେ କୌଣସି ସନ୍ଦେହ ନାହିଁ, ଯେ ସେମାନେ ସମସ୍ତ କିଛି—କିଛି ବିକ୍ରୟ କରିଦେଇଥିଲେ। ସେମାନେ ସେହି—ସେହି କ୍ଷେତ ଓ ପଶୁ ପ୍ରଭୃତି ବିକ୍ରୟ କରିଦେଇଥିଲେ, ସେସବୁକୁ ବନ୍ଧକ ରଖି ଦେଇଥିଲେ। ସେମାନେ ଡାକ୍ତରମାନଙ୍କ ପଛରେ ଯଥାସମ୍ଭବ ସମସ୍ତ କିଛି ଖର୍ଚ୍ଚ କରିଥିଲେ, ସେମାନଙ୍କ ମଧ୍ୟରୁ କେହି ହେଲେ ତାଙ୍କୁ କିଛି ଭଲ କରି ନ ଥିଲେ। ସେ ନିରନ୍ତର ଭାବରେ

ଖରାପ ଏବଂ ଖରାପ ହେବାକୁ ଲାଗିଲା । ରକ୍ତସ୍ରାବ ବନ୍ଦ ହେଲା ନାହିଁ । ନିରନ୍ତର, ଆହୁରି ଆହୁରି ଏହା ବହି ଚାଲିଲା, ସେ ଗୁରୁତରରୁ ଗୁରୁତର ହେବାକୁ ଲାଗିଲା ।

138 ଏବଂ ଦିନେ, ସେ ରହୁଥିବା ପାହାଡ ଉପରେ ବସିଥାଇ, ସେଠାରେ ବୁଣାବୁଣି କରୁଥିବା ସମୟରେ, ସେ ତଳକୁ ଉପତ୍ୟକା ଆଡ଼କୁ ଚାହିଁଲା, ଏବଂ ସେ ଗୋଟିଏ ଡଙ୍ଗାକୁ ଆସୁଥିବାର ଦେଖିଲା । ସମସ୍ତେ ଦୌଡ଼ିବାକୁ ଆରମ୍ଭ କରି କହିବାକୁ ଲାଗିଲେ, "ଭବିଷ୍ୟଦ୍‌ବକ୍ତାଙ୍କୁ ହୋସାନ୍ନା!"

139 ସେ ତାହାଙ୍କ ବିଷୟରେ ଶୁଣିଥିଲା । ବିଶ୍ୱାସ ଶୁଣିବା ଦ୍ୱାରା ଆସିଥାଏ । ତେବେ ସେ କହିଲା, "ମୁଁ ତଳକୁ ଯିବି ଓ ତାଙ୍କୁ ଟିକିଏ ଦେଖିବି ।"

140 ଏବଂ ଯେତେବେଳେ ସେ ସେଠାରେ ତଳକୁ ଗଲା, ଏବଂ ସେ ପ୍ରଥମ ଥର କରି ପରମେଶ୍ୱରଙ୍କ ବାକ୍ୟକୁ ଶରୀରରେ ପ୍ରକଟିତ ହୋଇଥିବାର ଦେଖିଲା, ତାଙ୍କର କଥାବାର୍ତ୍ତା ଏବଂ ଚାହାଣୀ ବିଷୟରେ କିଛି ଗୋଟାଏ ଥିଲା, ଯାହା ଦେଖି ସେ ଜାଣିଗଲା ଯେ ତାହା ହେଉଛନ୍ତି ସେ । ହଁ, ଆଜ୍ଞା । "ଓଃ, ଯଦି ମୁଁ କେବଳ ତାଙ୍କ ଧ୍ୟାନକୁ କିଛି ଉପାୟରେ ଆକର୍ଷିତ କରିପାରିଥା'ନ୍ତି, ଯଦି ମୁଁ ତାଙ୍କୁ କେବଳ କୌଣସି ପ୍ରକାରେ ସ୍ପର୍ଶ କରିପାରିଥାନ୍ତି!" ଏବଂ ସେ ଭିଡ଼ ଭିତରୁ ଖସି ପଳାଇଲେ ଏବଂ ସେ ତାଙ୍କ ବସ୍ତ୍ରକୁ ଛୁଇଁଲେ ।

141 ତେବେ ମନେରଖନ୍ତୁ, ଏହା ତାର ଆଙ୍ଗୁଳି ନୁହେଁ ଯାହା ଯୀଶୁ ଅନୁଭବ କରିଥିଲେ । ନା, ମହାଶୟ, କାରଣ ପାଲେଷ୍ଟାଇନ ଅଞ୍ଚଳର ପୋଷାକ ତଳକୁ ଝୁଲୁଥାଏ । ଏବଂ ସେ... ସେମାନେ ସ-...

ପିତର କହିଲେ, "ସମସ୍ତେ ଆପଣଙ୍କୁ ଛୁଇଁଛନ୍ତି ।"

142 ସେ କହିଲେ, "କିନ୍ତୁ ଏହା ଏକ ଭିନ୍ନ ସ୍ପର୍ଶ ଅଟେ । ମୁଁ ଅନୁଭବ କଲି ଯେ ମୁଁ ଦୁର୍ବଳ ହୋଇପଡ଼ିଲି ।"

143 ଯୀଶୁ ଆସି ଯାଇଥିଲେ । ତା'ର ଟଙ୍କା ଶେଷ ହୋଇଯାଇଥିଲା, ସବୁକିଛି ଶେଷ ହୋଇଯାଇଥିଲା; ମାତ୍ର ସେହି ଅନ୍ଧକାରର ଘଡିରେ ଯେତେବେଳେ କି ରକ୍ତ ବନ୍ଦ ହେଉ ନ ଥିଲା, ଏବଂ ଡାକ୍ତରମାନେ ଏହାକୁ ଅଟକାଇ ପାରୁ ନ ଥିଲେ, ଯୀଶୁ ଆସିଲେ । ଆଉ ସେ କଣ କଲେ? ସେ ତାକୁ ଡାକିଲେ । ସେ ତାକୁ ପାଇଯିବା ପର୍ଯ୍ୟନ୍ତ ଚାରିଆଡ଼େ ଚାହିଁଲେ, ଆଉ ସେ କହିଲେ, "ତୁମର ରକ୍ତର ସମସ୍ୟା ଥିଲା, କିନ୍ତୁ ଏହା ବନ୍ଦ ହୋଇଗଲା ।"

144 "ସେ ଗତକାଲି, ଆଜି ଏବଂ ଚିରଦିନ ସମାନ ଅଟନ୍ତି ।" "ଗୁରୁ ଆସିଛନ୍ତି ଏବଂ ସେ ତୁମକୁ ଡାକୁଛନ୍ତି । ସେ ଆସିଅଛନ୍ତି ଓ ସେ ଡାକିଛନ୍ତି ।" ସେ ତାକୁ ତାର ଉତ୍ତମ ସ୍ୱାସ୍ଥ୍ୟ ମଧ୍ୟକୁ ଡାକିଥିଲେ ।

145 କୂଅ ପାଖରେ ଥିବା ସେହି ସାନ ମହିଳାଟି, ଯାହା ବିଷୟରେ ଆମେ ଗତ ରାତି କହିଥିଲୁ, ତାର ସମସ୍ତ ଆଶା ଦୂରେଇ ଯାଇଥିଲା । ବୋଧହୁଏ, ହୋଇପାରେ ତା'ର ପଞ୍ଚମ ସ୍ୱାମୀ ତାକୁ

ଛାଡ଼ିଦେଇଥିଲା ଏବଂ ସେହି ରାତିରେ ସେ ଷଷ୍ଠଜଣକୁ ଗ୍ରହଣ କରିଥିଲା, ଏବଂ ସେ—ସେ ତାହାଙ୍କ ବିଷୟରେ ଟିକେ ସନ୍ଦେହରେ ଥିଲା । ନୈତିକ ରୂପରେ, ସେ ନଷ୍ଟ ହୋଇଯାଇଥିଲା । ସେ ଜଣେ ପ୍ରକୃତ ମହିଳା ହେବାକୁ ଚାହୁଁଥିଲେ; ସେ, ଏଥିରେ କୌଣସି ସନ୍ଦେହ ନାହିଁ, ଯେ ସେ ବାଇବଲ ପାଠକରି ଆସୁଥିଲା ।

146 ଏବଂ ସେ ସେଠାକୁ ଯାଉଥିଲା, ପ୍ରାୟଃ ଏଗାରଟା ବେଳେ ଉପରକୁ ଯାଉଥିଲା । ସେ ସକାଳେ ଆସି ପାରି ନ ଥିଲା ଯେତେବେଳେ ଧାର୍ମିକ ସ୍ତ୍ରୀଲୋକମାନେ ଆସିଥାଆନ୍ତି । ଏବଂ ସେମାନେ ସେମାନଙ୍କର ଜଳକୁ ସେମାନଙ୍କର ମୁଣ୍ଡ ଉପରେ, ଓ ପାତ୍ରଗୁଡିକରେ ରଖି, ତଳକୁ ଯାଇଥାଆନ୍ତି । ଏବଂ ତେଣୁ ସେ ସେମାନଙ୍କ ସହିତ ମିଶି, ଆସିପାରି ନ ଥିଲା । ସେମାନଙ୍କର, ସେହି ଦିନରେ ସେ ବିଷୟରେ ସେମାନଙ୍କର ଏକ ପୃଥକୀକରଣ ନୀତି ଥିଲା, ଠିକ୍ ଏବଂ ଭୁଲ ଏକତ୍ର ମିଶୁ ନ ଥିଲେ । ଅନୈତିକ ବ୍ୟକ୍ତି ସେମାନଙ୍କ ସ୍ଥାନରେ ଅଟକି ରହିଥାଆନ୍ତି, ତେଣୁ ସେ ଅନ୍ୟମାନଙ୍କ ସହିତ ଆସିପାରି ନ ଥିଲା । ସେମାନେ ତାକୁ ଆସିବାକୁ ଦେବେ ନାହିଁ । ତେଣୁ ସମସ୍ତେ ଜଳ ନେଇ ଫେରିଗଲା ଉତ୍ତାରେ...ସେ ତାହାପରେ ନିଜ ଭଲ ପାଇଁ ଆସିଲା ।

147 ଏବଂ ତା'ପରେ ସେ ସେହି ପାତ୍ରକୁ ନିଜ ମୁଣ୍ଡରେ ନେଇ ସେଠାକୁ ଆସିଲା, ଏଥିରେ କୌଣସି ସନ୍ଦେହ ନାହିଁ, ଯେ ସେ ଭାବି ଭାବି ଚାଲୁଥିଲା, "ତେବେ, ଯେଉଁ ଲୋକକୁ ମୁଁ ବିବାହ କରିଥିଲି, କିମ୍ବା, ଗତକାଲି ରାତିରେ ନିଜର କରିଥିଲି, ମୁଁ ତାକୁ ସନ୍ଦେହ କରୁଛି । ସେ ଜଣେ ପୁରୁଷ, ସେ ଅତି କୌତୁକିଆ କାର୍ଯ୍ୟ କରନ୍ତି । ମୁଁ—ମୁଁ ମାତ୍ର ତାଙ୍କ ବିଷୟରେ କିଛି ଜାଣେ ନାହିଁ । ମୁଁ ସୁଯୋଗଟିଏ ପାଇ ନାହିଁ । ମୁଁ ସମାଜରୁ ବହିଷ୍କୃତ ଅଟେ । ଏବଂ ମୁଁ ସେହି ମଣ୍ଡଳୀଗୁଡିକୁ ଯାଇପାରେ ନାହିଁ, ସେମାନେ ନୁହଁନ୍ତି...କେବଳ ସେମାନଙ୍କୁ ଦେଖୋ! ମୁଁ ଜାଣେ ନାହିଁ କଣ କରିବି । ମୁଁ ଦୁଃଖ ନିରାଶାରେ ଅଛି । ଏବଂ ମୁଁ ବାଇବଲ ପଢ଼ି ଆସୁଛି; ଅବଶ୍ୟ, କୌଣସି ଦିନେ, ସେହି ଭବିଷ୍ୟଦ୍‌ବକ୍ତା ଦୃଶ୍ୟକୁ ଆସିବେ । ବର୍ତ୍ତମାନ ମୁଁ ଜାଣେ ଯେ ସେମାନେ ଏହା ଦାବି କରିଛନ୍ତି ଯେ ଏପରି କୌଣସି କିଛି ବିଷୟ ନାହିଁ, ଏବଂ ଏହା ଏହିପରି ଅଟେ, 'ବୋଧହୁଏ ଶହେ ବର୍ଷ ହେଲାଣି, ଏବଂ ଏକ ହଜାର ବର୍ଷ ହେଲାଣି । ଆମେ ହଜାରେ ବର୍ଷ ଧରି ଏହାର ଅପେକ୍ଷା କରି ଆସିଛୁ, ଏବଂ ଏହା ଏପର୍ଯ୍ୟନ୍ତ ହୋଇନାହିଁ, ତେଣୁ ଆମେ ବର୍ତ୍ତମାନ ଆଉ ତାହାର ଅପେକ୍ଷା କରୁନାହୁଁ ।' ସବୁକିଛି ଏପରି ଅଟେ, 'ଓଃ, ନା, ଆମ ପାଖରେ ମଣ୍ଡଳୀଗୁଡିକ ଓ ଅନେକ ବିଷୟମାନ ରହିଛି । ଆମକୁ ବର୍ତ୍ତମାନ ସେପରି କିଛି ବିଷୟ ଦରକାର ନାହିଁ ।'" ତେଣୁ ସେ ଭାବି ଭାବି, ସେଠାକୁ ଯାଉଥିଲେ ।

148 ଆପଣ ଜାଣନ୍ତି, ଯେତେବେଳେ ଆପଣ ତାହାଙ୍କ ବିଷୟରେ ଭାବନ୍ତି, ସେତେବେଳେ ସେ ଆପଣଙ୍କୁ ଦେଖା ଦିଅନ୍ତି । ଯେପରିକି ଆମର ଗତକାଲି ରାତିରେ ପାଠ ହୋଇଥିଲା, ଯେତେବେଳେ ସେମାନେ ଇମ୍ମାୟୁ ଗ୍ରାମର ରାସ୍ତାରେ ଯାଉଥିଲେ ।

149 ଯେତେବେଳେ ସେ ସେହି ବିଷୟଗୁଡ଼ିକ ଉପରେ ଚିନ୍ତା କରୁଥିଲା, ସେତେବେଳେ ସେ ଜଣେ ମନୁଷ୍ୟକୁ ଏହା କହୁଥିବାର ଶୁଣିଲା, "ମୋତେ ପାନ କରାଅ ।"

150 ଏହା ବିଷୟରେ କ'ଣ ଅଟେ? ତା'ର ଘୋର ଅନ୍ଧକାରର ଘଡିରେ, ଯେତେବେଳେ ତାର ସମସ୍ତ ନୈତିକତା ଚାଲିଯାଇଥିଲା । ହୁଏତ ସୁନ୍ଦର ସାନ ସ୍ତ୍ରୀଲୋକଟିଏ, ତାକୁ ସେହିପରି ଭାବରେ ବଞ୍ଚି ରହିବା ପାଇଁ ରାସ୍ତାରେ ଛାଡ଼ି ଦିଆଯାଇଥିଲା । ବେଳେବେଳେ ଏହା ସେହି ସାନ ଝିଅର ଦୋଷ ନୁହେଁ, ତାକୁ ସେହିପରି ଭାବରେ ବାହାରକୁ ଛଡାଯିବାରେ, ତାର ପିତାମାତାଙ୍କର ଦୋଷ ଅଟେ । ଏବଂ ସେଠାରେ ସେ ଥିଲା, ବୋଧହୁଏ ତା'ର ଛୋଟ କେଶକୁଞ୍ଚ ସବୁ ଝୁଲୁଥିଲା; ସେ ସର୍ବଶୁନ୍ୟ ଥିଲା, କ୍ଳାନ୍ତ ହୋଇ, ଆଗେଇ ଚାଲିଥିଲା, ଏବଂ ସେହି ସାନ ଝିଅଟିର ସହିତ, କାହାରିକୁ କିଛି କରିବାର ନ ଥିଲା, ଏବଂ ହୋଇପାରେ ଏହା ପଛରେ ଏକ ବଡ଼ କାହାଣୀ ଥିବ ।

151 ଯାହାହେଉ, ମୁଁ ଗୋଟିଏ କଥା ଜାଣେ, ସେ ବାଇବଲ ପାଠ କରିଥିଲା, ଏବଂ ସେ ବାଇବଲକୁ ବିଶ୍ୱାସ କରୁଥିଲା । ଏବଂ ତାର ହୃଦୟରେ ଛୋଟିଆ ବୀଜଟିଏ ପଡ଼ିରହିଥିଲା, କହୁଥିଲା, "ଯଦି ଏହା କେବେ ହୁଏ, ମୁଁ ଏହା ଜାଣିଯିବି ।" ସେ ଏଥିପାଇଁ ପୂର୍ବନିର୍ଦ୍ଧାରିତ ହୋଇଥିଲା ।

152 ସେହି ବୃଦ୍ଧ ଯିହୁଦାକୁ ସେଠାରେ ଠିଆ ହୋଇଥିବାର ଦେଖନ୍ତୁ ଓ ତାକୁ ସେହିଭଳି ଆଚରଣ କରୁଥିବାର ଦେଖନ୍ତୁ ଯାହା ସେ କରିଥିଲା । ଏହା ତାର ହୃଦୟର ତଳ ଭାଗରେ କଳା ଥିଲା । ଏଠାରେ ଉପରେ ତାଙ୍କର କାର୍ଯ୍ୟଗୁଡ଼ିକରେ ଆଲୋକ ଆଲୋକିତ ହେଉଥିଲା, କିନ୍ତୁ ହୃଦୟର ଗଭୀରରେ ସେ ଏହାକୁ ବିଶ୍ୱାସ କରି ନ ଥିଲା । ଏବଂ ସେ ଏଠାରେ ଥିଲା... ଦେଖନ୍ତୁ, ଆଲୋକ ତଳକୁ ତା ପାଖକୁ ପହଞ୍ଚି ପାରି ନ ଥିଲା । କିନ୍ତୁ ଏଠାରେ ସେ ଥିଲା, ବିଶ୍ୱାସ କରୁଥିଲା, ସେ ଏହାକୁ ବିଶ୍ୱାସ କରିଥିଲା, କିନ୍ତୁ ତାର ଜୀବନ ଅନ୍ଧକାରମୟ ଥିଲା; ଯେତେବେଳେ ଆଲୋକ ଆଘାତ କଲା, ଏହା ଅନ୍ଧକାରକୁ ବାହାର କରିପକାଇଲା । କିନ୍ତୁ ଯେତେବେଳେ ଏଠାରେ ଆଲୋକ ଆଘାତ କଲା, ଏହା ସବୁଆଡେ କଳା କରିଦେଲା । ତାହା ହେଉଛି ପାର୍ଥକ୍ୟ ।

153 ଦେଖନ୍ତୁ, ସେ ସେହି ଉଦ୍ଦେଶ୍ୟରେ ଜନ୍ମ ହୋଇଥିଲା । ସେ—ସେ କହିଲା, ଯେତେବେଳେ ସେ ତାକୁ କହିଥିଲେ ଯେ ତାର କେତେ ସ୍ୱାମୀ ଥିଲେ, ସେ...କଅଣ ହେଲା? ସେ ହଠାତ ଉତ୍ସାହିତ ହେଲା ପରି ହୋଇଯାଇଥିଲା । ସେ ନୈରାଶ୍ୟରେ ଆସି ଯାଇଥିଲା । ସେ କହିଲା, "ମହାଶୟ, ମୁଁ ଜାଣି ପାରୁଛି ଯେ ଆପଣ ଜଣେ ଭବିଷ୍ୟଦ୍‌ବକ୍ତା । ମୁଁ ଜାଣେ ଯେ ଯେତେବେଳେ ମଶୀହ ଆସିବେ, ସେ ଏହିସବୁ କର୍ମ କରିବେ ।"

154 ତା'ପରେ ସେ ତାକୁ ଡାକିଲେ । ତା'ପରେ ସେ ତାକୁ ଡାକିଲେ । "ମୁଁ ସେହି, ଯିଏ ତୁମ ସହିତ କଥାବାର୍ତ୍ତା କରୁଅଛି" । ସେ ଏହାକୁ ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା ଚିହ୍ନିଥିଲା । ସେ ତାକୁ ତାହାର ପାପଗୁଡ଼ିକରୁ, ଏକ ଜୀବନକୁ ଡାକିଥିଲେ । ଏବଂ ତାର ନାମ ବାଇବଲରେ ଅଛି, ଏବଂ ସେ ଆଜି ଅମର ଜୀବନ ପାଇଅଛି ।

155 ସେ ତୁମକୁ ସମାନ ଭାବରେ ଡାକିପାରନ୍ତି, କାରଣ ସେ କାଲି, ଆଜି ଏବଂ ଚିରଦିନ ସମାନ ଅଟନ୍ତି। ସେହି...

156 ହଁ, ତା'ର ନୈତିକତା ଚାଲିଯାଇଥିଲା, କିନ୍ତୁ ତଥାପି ସେ ଜାଣିଥିଲା ଯେ ତାହାଙ୍କର ଠାରେ ସେହି ହୃଦୟର ଗୁପ୍ତ ବିଷୟ ଜାଣିବାର ସାମର୍ଥ ଥିଲା। ସେ ଜାଣିଥିଲା ଯେ ସେ ନିଶ୍ଚିତ ସେହି ମଶୀହ ହିଁ ହେବେ। ତାହାପରେ ଯେତେବେଳେ ଯୀଶୁ କହିଲେ, "ମୁଁ ସେହି, ମୁଁ ସେହି ଅଟେ," ସେ ଜାଣିଲା ଯେ ତାହାହିଁ ଅଟେ।

157 ଥରେ ଶିଷ୍ୟମାନେ ଡଙ୍ଗାରେ ଯାଉଥିଲେ, ସମସ୍ତ ଆଶା ଦୂରେଇ ଯାଇଥିଲା। ଝଡ଼ ତୋଫାନ, ସେମାନେ ଯୀଶୁଙ୍କ ବିନା ଦୂରକୁ ଚାଲିଯାଇଥିଲେ, ଏବଂ ଝଡ଼ ତୋଫାନଟି ଠିକ୍—ଠିକ୍ ସେହିପରି ଥିଲା ଯେପରିକି ଏହା ଲାଜାରଙ୍କ ଘରେ ଥିଲା। ସମସ୍ତ ଆଶା ଦୂର ହୋଇଯାଇଥିଲା। ଛୋଟ ପୁରୁଣା ଡଙ୍ଗାଟିରେ ପାଣି ଭରି ଯାଇଥିଲା। ଏବଂ ସେମାନେ ଚିତ୍କାର କରୁଥିଲେ ଓ କାନ୍ଦୁଥିଲେ, ଏବଂ ହୋଇପାରେ ପ୍ରାର୍ଥନା କରି ଚାଲିଥିଲେ, ଆଉ ବିଜୁଳି ଚଡକ ମାରୁଥିଲା, ଏବଂ ଡଙ୍ଗା ପାଣିରେ ପରିପୂର୍ଣ ହୋଇ ଯାଇଥିଲା, ମୁଖ୍ୟ ପୋଲଗୁଡ଼ିକ ତଳକୁ ଖସି ଯାଇଥିଲା, କାତଗୁଡିକ ଭାଙ୍ଗିଗଲା, ଆଉ ସେମାନେ ପରସ୍ପରକୁ ଧରିରହି, କାନ୍ଦୁଥିଲେ।

158 ଏବଂ ବାସ୍ତବିକ ଘୋର ଅନ୍ଧକାରର ସେହି ଘଡିରେ, ସେତେବେଳେ ଯୀଶୁ ଚାଲିକରି ଆସିଲେ। କିନ୍ତୁ ସେ ସେମାନଙ୍କୁ ଏକ ଛାଇପରି ଦିଶୁଥିଲେ। ସେ ଏକ ଭୂତ ପରି, ଭୟଭୀତ ଦେଖାଯାଉଥିଲେ ଏବଂ ସେମାନେ ଭୟରେ ଚିତ୍କାର କରିଥିଲେ।

159 ଆଜି ତାହା ହିଁ ତ ମାମଲା ଅଟେ। ଯୀଶୁ ଆପଣଙ୍କର ଅନ୍ଧକାର ଘଡିରେ ଆସନ୍ତି, ଏବଂ ଆପଣ ଏହାକୁ ଭୟ କରନ୍ତି। ଏହା କ'ଣ ଅଟେ ଆପଣ ଜାଣନ୍ତି ନାହିଁ।

160 ସେ କ'ଣ ଥିଲେ ତାହା ସେମାନେ ଜାଣି ନ ଥିଲେ। ସେମାନେ କହିଲେ, "ଓଃ, ଏହା ତ ଏକ ଭୂତ ଅଟେ!" ସେମାନେ ଚିତ୍କାର କରିଥିଲେ।

161 ଏବଂ ତାହାପରେ ସେ ସେମାନଙ୍କୁ ଡାକି, କହିଲେ, "ଭୟ କର ନାହିଁ, ଏହା ତ ମୁଁ।" ଘୋର ଅନ୍ଧକାର ସମୟରେ, ଯୀଶୁ ସେମାନଙ୍କର ସାହାଯ୍ୟ ପାଇଁ, ଆସିଗଲେ। ସେ ସର୍ବଦା ସେହିପରି ହିଁ କରନ୍ତି, ଘୋର ଅନ୍ଧକାରର ଘଡିରେ ଆସନ୍ତି। ତା'ପରେ ଯୀଶୁ ଆସିଲେ, ଆଉ ନିଜକୁ ପ୍ରକଟ କଲେ, ଏବଂ ସେମାନଙ୍କ ନିକଟକୁ ଆସିଲେ।

ପିତର କହିଲେ, "ଏହା ଯଦି ତୁମେ, ମୋତେ ପାଣି ଉପରେ ଚାଲି ଆସିବାକୁ ଆଦେଶ ଦିଅ।"

ଯୀଶୁ କହିଲେ, "ଆସ।"

162 ବନ୍ଧୁଗଣ, କଅଣ ଆପଣ ଜାଣିଛନ୍ତି କି? ଖୁବ୍ ଶୀଘ୍ର ସେ ସେମାନଙ୍କ ପାଇଁ ଏହି ଶେଷ ଦିନମାନଙ୍କରେ ଆସିବେ। ତେବେ, କଅଣ ଏହା ଆଶ୍ଚର୍ଯ୍ୟଜନକ ନୁହେଁ କି ଯେ ମଣ୍ଡଳୀ ପୁଣିଠାରେ ଏହି ଅନ୍ଧକାର ଘଡିରେ ଆସି ଯାଇଅଛି?

163 ମୁଁ ଏଠାରେ କିଛି କହିବାକୁ ଯାଉଅଛି। ଏହା ଏକ ମତ ସିଦ୍ଧାନ୍ତ ନୁହେଁ। ମୁଁ କେବଳ ଭବିଷ୍ୟବାଣୀ କରୁଛି। ଆପଣ ଜାଣିଛନ୍ତି ଯେ କ'ଣ ଘଟିଲା? ଏହା ଏକ ସ୍ଥାନକୁ ଆସିବାକୁ ଯାଉଅଛି, ଶୀଘ୍ର ହଁ, ମୋ କଥାକୁ ଲେଖି ରଖନ୍ତୁ, ଯେ ସମସ୍ତ ନାମଧାରୀ ସଂସ୍ଥାଗୁଡିକ ସର୍ବ ଧର୍ମ ପରିଷଦରେ ଯୋଗଦେବାକୁ ଯାଉଅଛନ୍ତି। ଯଦି ସେମାନେ ତାହା ନ କରନ୍ତି, ସେମାନେ ପରିଷଦର ସମର୍ଥନ ପାଇପାରିବେ ନାହିଁ। ତେଣୁ, ସେଠାରେ ଏକ ବହିଷ୍କାର କାର୍ଯ୍ୟ ହେବ, ଏବଂ କେହିହେଲେ ଏହି ମଣ୍ଡଳୀସବୁକୁ ଯାଇପାରିବେ ନାହିଁ, କିମ୍ବା କୌଣସି ମଣ୍ଡଳୀକୁ ଯାଇପାରିବେ ନାହିଁ; ଯେପର୍ଯ୍ୟନ୍ତକି ଆପଣଙ୍କ ପାଖରେ ନିଜ ମଣ୍ଡଳୀରୁ ଏକ ଚିହ୍ନଟିଏ ନାହିଁ, ଆପଣ କ୍ରୟ କିମ୍ବା ବିକ୍ରୟ କରିପାରିବେ ନାହିଁ। ଆପଣ ଏହାକୁ ସେହିପରି ଦେଖୁଛନ୍ତି ଯେପରିକି ଏହା ଥିଲା, ଏଣୁ ଏହା ପୁନର୍ବାର ତାହା ହେବାକୁ ଯାଉଅଛି, ପଶୁ ନିମନ୍ତେ ଏକ ଚିହ୍ନକୁ। ଏବଂ ସେହି ମଣ୍ଡଳୀ, ଆତ୍ମିକ ଲୋକମାନେ, ସେମାନେ ତାହା ହୃଦୟଙ୍ଗମ କରୁଛନ୍ତି।

164 ଏବଂ ଆପଣ ପେଣ୍ଟିକଷ୍ଟାଲ୍ ଲୋକମାନେ, ଯେକୌଣସି ପ୍ରକାରେ, ଏହାକୁ ଚିହ୍ନୁଛନ୍ତି। ଆପଣ ଏହାକୁ ଅନୁଭବ କରିବା ଆରମ୍ଭ କରିଛନ୍ତି। ଯେତେବେଳେ ଆପଣଙ୍କର ମଣ୍ଡଳୀଗଣ, ପେଣ୍ଟିକଷ୍ଟାଲର ଅନେକ ସଂଗଠନମାନ; ଆଉ ମୋତେ ଆପଣଙ୍କର ନାମସବୁ କହିବାକୁ ପଡିବ ନାହିଁ, କିନ୍ତୁ ଆପଣ ବର୍ତ୍ତମାନ ଠିକ୍ ଜାଣିଛନ୍ତି ଯେ ସେମାନେ—ସେମାନେ ତାହା ମଧ୍ୟକୁ ଆସୁଛନ୍ତି। ସେମାନେ ତାହାର ସାକ୍ଷୀ ହୋଇଛନ୍ତି ଯେ ସେମାନେ ଥିଲେ। ଏବଂ ଯେତେବେଳେ ଆପଣ ତାହା କରନ୍ତି, ଆପଣଙ୍କୁ କ'ଣ କରିବାକୁ ହେବ ବୋଲି ଆପଣ ଯାଉଛନ୍ତି? ଆପଣଙ୍କୁ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ବିଷୟରେ ଆପଣଙ୍କର ସୁସମାଚାର ସମ୍ବନ୍ଧୀୟ ଶିକ୍ଷାକୁ ହରାଇବାକୁ ପଡିବ। ଆପଣଙ୍କୁ ବାଇବଲର ଆପଣଙ୍କର ମତ-ସିଦ୍ଧାନ୍ତକୁ ହରାଇବାକୁ ପଡିବ।

165 ଏବଂ ସଦସ୍ୟମାନେ ଏହାର ସପକ୍ଷରେ ଛିଡା ହେବାକୁ ଯାଉ ନାହାଁନ୍ତି। ପ୍ରକୃତ ପୂନ-ର୍ଜନ୍ମିତ ଖ୍ରୀଷ୍ଟିଆନମାନେ, ପ୍ରଥମେ ମରିବେ। ସେମାନଙ୍କୁ ବାକ୍ୟ ଦ୍ୱାରା ଚେତାବନୀ ଦିଆଯାଇଛି। ସେମାନେ ଜାଣନ୍ତି ଯେ ଏହି ବିଷୟ ଆସୁଛି। ହଁ, ଆଜ୍ଞା।

166 ଏବଂ କଅଣ ଏହା ଅଦ୍ଭୁତ ନୁହେଁ କି? ଏବଂ ଏହି ଘୋର ଅନ୍ଧକାରର ଘଡିରେ, ତେବେ ଯୀଶୁ ଆସନ୍ତି ଓ ଆମକୁ ଡାକନ୍ତି, କହନ୍ତି, "ଭୟ କର ନାହିଁ। ଏହା ତ ମୁଁ। ମୁଁ ଏବେସୁଦ୍ଧା ତୁମ ସହିତରେ ଅଛି। ମୁଁ ଏଠାରେ ମୋର ବାକ୍ୟକୁ ପ୍ରକଟ କରିବାକୁ ଅଛି।" ଯେପରି ସେ ଯେତେବେଳେ ଥିଲେ, ସେ ବର୍ତ୍ତମାନ ମଧ୍ୟ ଠିକ୍ ସେପରି ଅଛନ୍ତି। ସେ ଏହା କରିବେ ବୋଲି କହିଥିଲେ। ଓଃ ମୋର ପ୍ରଭୁ! ଗୁରୁ ଆସିଅଛନ୍ତି ଓ ଆମକୁ ଡାକିଅଛନ୍ତି।

167 ଏଠାରେ ଅନେକ ଅସୁସ୍ଥ ଲୋକ ଅଛନ୍ତି, ଏଥିରେ ସନ୍ଦେହ ନାହିଁ ଯେ, ସେମାନେ ଏଠାରେ ବସିଛନ୍ତି, ଏବଂ ଡାକ୍ତର ଆପଣଙ୍କୁ କହିଛନ୍ତି ଯେ ଆପଣଙ୍କ ପାଇଁ ଆଉ କୌଣସି ଆଶା ନାହିଁ—ନାହିଁ। ହୋଇପାରେ ଆପଣ ଆପଣଙ୍କର ଘୋର ଅନ୍ଧକାରର ସମୟରେ ଥିବେ, କିନ୍ତୁ, ମନେରଖନ୍ତୁ, ଗୁରୁ ଆସିଯାଇଛନ୍ତି ଓ ଆପଣଙ୍କୁ ଡାକିଛନ୍ତି।

168 ଏବଂ କୌଣସି ଦିନେ, କୌଣସି ଦିନେ, ଗୁରୁ ଆସିବାକୁ ଯାଉଛନ୍ତି ଏବଂ ମେଷଶାବକଙ୍କ ଜୀବନ ପୁସ୍ତକରେ ଲେଖାଯାଇଥିବା ପ୍ରତ୍ୟେକ ନାମକୁ ଡାକିବାକୁ ଯାଉଛନ୍ତି। ଯଦି ଆପଣଙ୍କର ନାମ ସେଠାରେ ନାହିଁ, ତେବେ ଏହିକ୍ଷଣି ସେଠାରେ ତାହା ପ୍ରାପ୍ତ କରନ୍ତୁ, କାରଣ ସେ ଆସି ଡାକିବାକୁ ଯାଉଛନ୍ତି। ଏପରିକି ଯେଉଁମାନେ କବରରେ ଅଛନ୍ତି ସେମାନେ ସୁଦ୍ଧା ତାଙ୍କର ରବ ଶୁଣିବେ ଏବଂ ଜୀବନକୁ ପ୍ରବେଶ କରିବେ। ଗୁରୁ ଆସିବେ ଏବଂ ଆପଣଙ୍କୁ ଡାକିବେ। ଏବଂ ଯେତେବେଳେ ସେ ଆଜି ଡାକୁଅଛନ୍ତି, ଉତ୍ତର ଦିଅନ୍ତୁ ଏବଂ ସେହି ଦିନ ପାଇଁ ପ୍ରସ୍ତୁତି କରନ୍ତୁ, ଏହା ଆପଣଙ୍କ ପାଇଁ ମୋର ପରାମର୍ଶ ଅଟେ।

169 ଏହି ଯୁଗର ପ୍ରତିଜ୍ଞା, ସେ ଏଠାରେ ରହିବେ ବୋଲି ପ୍ରତିଜ୍ଞା କରିଥିଲେ। ସେହି କାର୍ଯ୍ୟ ଯାହାସବୁ ସେ କରିଥିଲେ, ସେ ପୁନର୍ବାର ତାହା କରିବେ, ଏବଂ ବର୍ତ୍ତମାନ ଗୁରୁ ପୁଣିଥରେ ଆସିଅଛନ୍ତି ଓ ଆପଣଙ୍କୁ ଡାକୁଅଛନ୍ତି।

170 ଆସୁ ଆମର ମସ୍ତକଗୁଡିକୁ ନତ କରୁ। ମୋ ପାଖରେ ଏଠାରେ ପ୍ରାୟଃ ଆହୁରି ଛଅଗୋଟି ପୃଷ୍ଠା ଅଛି, କିନ୍ତୁ ମୁଁ—ମୁଁ ବର୍ତ୍ତମାନ ସେସବୁକୁ ଯାଇପାରୁ ନାହିଁ। ଆସୁ ମସ୍ତକଗୁଡିକୁ ନତ କରୁ। ମୁଁ ଆପଣଙ୍କୁ ଶୀଘ୍ର ଛାଡି ଦେବାକୁ ପ୍ରତିଶୃତି ଦେଇଥିଲି, ଏବଂ ଏହା ତ ପନ୍ଦର ମିନିଟରୁ ଅଧିକ ବିତିଗଲାଣି।

171 ସ୍ୱର୍ଗୀୟ ପିତା, ହେ ପ୍ରଭୁ, ଏହା ପୁଣିଥରେ ହେଉ। ଏହି ସମସ୍ତ କଥା ଯାହା ମୁଁ କହିଛି, "ଯୀଶୁ ଆସିଲେଣି ଏବଂ ଆପଣଙ୍କୁ ଡାକୁଅଛନ୍ତି।" ଯେତେବେଳେ ସେ ଆସନ୍ତି ସେ କ'ଣ କରନ୍ତି? ସେ ଡାକନ୍ତି। ହେ ପ୍ରଭୁ, ଏହା ପୁଣିଥରେ ହେଉ। ଆଜି ରାତିରେ ତୁମର ପବିତ୍ର ଆତ୍ମା ଲୋକମାନଙ୍କ ମଧ୍ୟରେ ଆସନ୍ତୁ, ସେହି ପ୍ରଭୁ ଯୀଶୁ ଆତ୍ମାଙ୍କର—ର ରୂପରେ। ଆଜି ରାତିରେ ସେ ଆସନ୍ତୁ ଓ ନିଜକୁ ପ୍ରକାଶ କରନ୍ତୁ, ଏବଂ ତା'ପରେ ନିଜକୁ ପ୍ରକଟ କରନ୍ତୁ। ସେହି ଲୋକମାନଙ୍କ ପରି, ସେମାନେ ଯେପରି ବିଶ୍ୱାସ କରିଥିଲେ, ପ୍ରଭୁ, ଆମେ ମଧ୍ୟ, ବିଶ୍ୱାସ କରିବୁ। ଏଠାରେ ଅନେକେ ଅଛନ୍ତି, ହୋଇପାରେ, ଯେ ଏହି ସୁଯୋଗ କେବେହେଲେ ପାଇ ନ ଥିଲେ। ଆମେ ପ୍ରାର୍ଥନା କରୁଛୁ ଯେ ଆପଣ ଆଜି ରାତିରେ ପୁନର୍ବାର ସେମାନଙ୍କୁ ତାହା ପ୍ରଦାନ କରିବେ। କାରଣ ଆମେ ଏହାକୁ ପରମେଶ୍ୱରଙ୍କ ଗୌରବ ପାଇଁ, ଯୀଶୁଙ୍କ ନାମରେ ଏହା ମାଗୁଛୁ। ଆମେନ୍।

172 ଭଉଣୀ, ତାହା ଠିକ୍ ଅଟେ, କିନ୍ତୁ ତାହା ସହିତ ଆଗକୁ ବଢ଼ନ୍ତୁ। ତାହା ଉତ୍ତମ ଅଟେ। ସିଧା ଆଗକୁ ଯାଆନ୍ତୁ। ଓଃ, ପ୍ରତ୍ୟେକ ଜଣ, ବାସ୍ତବରେ ଶାନ୍ତ ରୁହନ୍ତୁ।

173 ସେ ଆସିଅଛନ୍ତି ବୋଲି କଅଣ ଆପଣ ବିଶ୍ୱାସ କରନ୍ତି କି? ସେ ଆସିଅଛନ୍ତି। ଯେତେବେଳେ ସେ ଆସନ୍ତି କଅଣ ସେ ଏବେ ସୁଦ୍ଧା ଡାକନ୍ତି କି? ତେବେ ଯଦି ଆପଣ କେବଳ ବିଶ୍ୱାସ କରିବେ। ଯଦି ଆପଣ କେବଳ ପରମେଶ୍ୱରଙ୍କ ବାକ୍ୟକୁ ବିଶ୍ୱାସ କରିବ, ପରମେଶ୍ୱର ଏହାକୁ ପ୍ରଦାନ କରିବେ।

174 ବର୍ତ୍ତମାନ ଦେଖନ୍ତୁ, ପ୍ରାର୍ଥନାର ଧାଡି ଡାକିବାକୁ ମୋ ପାଖରେ ଏଠାରେ ସମୟ ନାହିଁ। ଯଦି ପ୍ରଭୁ ଚାହାଁନ୍ତି, ମୁଁ ଆଜି ରାତିରେ, ସେମାନଙ୍କୁ ସେହିଠାରେ ଡାକିବାକୁ ଯାଉଛି। ଗୁରୁ ଆସିଅଛନ୍ତି। ସେ ଶେଷ ଦିନରେ ତାହାଙ୍କର ବାକ୍ୟ ପୂରଣ କରିବାକୁ ଆସିଅଛନ୍ତି। ଏବଂ ସେ ସେତେବେଳେ ଯାହା ଥିଲେ, ସେ ଆଜି ମଧ୍ୟ ତାହା ଅଟନ୍ତି। ସେତେବେଳେ ତାଙ୍କର ପ୍ରକଟୀକରଣ ଅବା ପରିଚୟ ଯାହା ଥିଲା, ଏହା ଆଜି ମଧ୍ୟ ଅଟେ, କାରଣ ସେ ଏବେସୁଦ୍ଧା ପରମେଶ୍ୱରଙ୍କ ବାକ୍ୟ ଅଟନ୍ତି। କଅଣ ଆପଣ ତାହା ବିଶ୍ୱାସ କରନ୍ତି କି? ଏବଂ ପରମେଶ୍ୱରଙ୍କ ବାକ୍ୟ ହୃଦୟର ଉଦ୍ଦେଶ୍ୟମାନ, ଚିନ୍ତାଧାରା ପ୍ରଭୃତିର ପରୀକ୍ଷକ। ଏବଂ ଯେପ୍ରକାରେ ସେ ସେତେବେଳେ କରିଥିଲେ, ସେପ୍ରକାରେ ସେ ସର୍ବଦା ହିଁ କରିଆସିଛନ୍ତି। ସେ ଏବେସୁଦ୍ଧା ସମାନ ଅଟନ୍ତି। ଯଦି ସେ ବର୍ତ୍ତମାନ ତାହା କରିବେ, ତେବେ କଅଣ ଆପଣ ତାହାଙ୍କୁ ବିଶ୍ୱାସ କରିବେ କି? କଅଣ ଏହା ଆପଣଙ୍କୁ ବିଶ୍ୱାସ କରିବାକୁ ପ୍ରବର୍ତ୍ତାଇବ କି?

175 ଆପଣ ଲୋକମାନେ ଯେଉଁମାନେକି ବର୍ତ୍ତମାନ ସେଠାରେ ବାହାରେ ଅଛନ୍ତି, ମୋତେ ପ୍ରଥମେ ଦେଖିବାକୁ ଏବଂ ଜାଣିବାକୁ ଦିଅନ୍ତୁ ଯେ ଯଦି ମୁଁ ଜାଣିଥିବା କେହି ଅଛନ୍ତି କି, ଏଠାରେ ଯେକୌଣସି ସ୍ଥାନରେ ବସିଛନ୍ତି କି, ଯାହାଙ୍କୁ ମୁଁ ଜାଣେ।

176 ସେହି ସମସ୍ତେ ଯେଉଁମାନେକି ଆଖପାଖରେ ଅଛନ୍ତି, *ଏଠା*ରେ ଉପରେ ଅଛନ୍ତି, ଯେଉଁମାନେ ମୋତେ ଜାଣନ୍ତି ନାହିଁ, ନିଜର ହାତ ଉଠାନ୍ତୁ; ଆପଣମାନେ ଜାଣନ୍ତି ଯେ ମୁଁ ଆପଣମାନଙ୍କ ବିଷୟରେ କିଛି ଜାଣେ ନାହିଁ, ଏବଂ ଆପଣମାନେ ଅସୁସ୍ଥ, ଆପଣାମାନଙ୍କର ହାତ ଉଠାନ୍ତୁ। ମୁଁ ଅନୁମାନ କରୁଛି, ସମସ୍ତେ। ଠିକ୍ ଅଛି, ବର୍ତ୍ତମାନ, ଆପଣମାନେ ବିଶ୍ୱାସ କରନ୍ତୁ। ଆପଣମାନେ କେବଳ ନିଜର ସମ୍ପୂର୍ଣ୍ଣ ହୃଦୟ ସହିତ ବିଶ୍ୱାସ କରନ୍ତୁ। ସନ୍ଦେହ କରନ୍ତୁ ନାହିଁ। ବିଶ୍ୱାସ ରଖନ୍ତୁ। ପରମେଶ୍ୱରଙ୍କୁ ବିଶ୍ୱାସ କରନ୍ତୁ।

177 ମୁଁ ଆପଣମାନଙ୍କୁ ପ୍ରକୃତରେ ଶାନ୍ତ ରହିବାକୁ କହିବାକୁ ଯାଉଛି, ବସିବାକୁ କହିବାକୁ ଯାଉଅଛି। ବର୍ତ୍ତମାନ ଏପାଖ ସେପାଖ ଘୁରି ବୁଲନ୍ତୁ ନାହିଁ, ଦୟାକରି କରନ୍ତୁ ନାହିଁ। ବୁଝିଲେ? ବୁଝିଲେ? ଆପଣ ଏକ—ଏକ ପ୍ରାଣ, ଶରୀର ଏବଂ ଆତ୍ମା ଅଟନ୍ତି। ଏବଂ ଆପଣଙ୍କର ଆତ୍ମା…ଏବଂ ସେହି ପବିତ୍ର ଆତ୍ମା ବାସ୍ତବରେ ଭୀରୁ ଅଟନ୍ତି।

178 କେତେ ଜଣଙ୍କର ମନେ ଅଛି, ଅନେକ ବର୍ଷ ପୂର୍ବେ, ସେହି ପବିତ୍ର ଆତ୍ମା, ଯେତେବେଳେ ମୁଁ ଏଠାକୁ ଆସିଲି ତୁମକୁ କହିଥିଲି? ଯେତେବେଳେ ମୁଁ ଲୋକମାନଙ୍କୁ ହାତରେ ଧରିଥାଏ, ସେ ମୋତେ କହିଥିଲେ ଯେ ଏହି ଚିହ୍ନିବାର ଦାନ ଆସିବ, ଏବଂ ତା'ପରେ ତୁମେ ଯିବ? ଆପଣ କି ଏହାକୁ ମନେ ରଖିଛନ୍ତି, ତାହା ମନେ ପକାନ୍ତୁ? କିନ୍ତୁ ସେ କହିଲେ, "ଯଦି ତୁମେ ଲୋକମାନଙ୍କୁ ତୁମଠାରେ ବିଶ୍ୱାସ କରାଇ ପାରିବ।" ଅନେକ ବର୍ଷ ପୂର୍ବର, ସେହି ଦିନମାନଙ୍କୁ ମନେ ପକାନ୍ତୁ? ଆପଣଙ୍କୁ ବିଶ୍ୱାସ କରିବାକୁ ପଡିବ।

179 ମୁଁ ଜଣେ ବ୍ୟକ୍ତିଙ୍କୁ ଦେଖିଲି, ମୋର ବିଶ୍ୱାସ ଯେ ଏହା ତଳେ ଅନ୍ୟ ସଭାରେ ହୋଇଥିଲା, ଠିକ୍ ସେଠାରେ ବସି ରହିଥିଲେ। ଏବଂ ପବିତ୍ରଆତ୍ମା…ମୁଁ ଯେତେବେଳେ ପ୍ରଚାର କରୁଥିଲି, ମୁଁ

ତାଙ୍କୁ ନିରୀକ୍ଷଣ କରୁଥିଲି । ସେ ଜଣେ ପଙ୍ଗୁ ଲୋକ ଥିଲେ । ତାଙ୍କର ବାହୁ ତଳେ ସାହାରା ବାଡି ଥିଲା । ଆଉ ଯେତେବେଳେ ମୁଁ ପ୍ରାର୍ଥନା ଡାକରା ଦେବା ଆରମ୍ଭ କଲି, ଶୟତାନ ସେହି ବ୍ୟକ୍ତିଙ୍କ ନିକଟକୁ ଆସିଲା, ଏକ କଳା ଛାଇ । ଏବଂ ଏହାକୁ ମୁଁ ମୋ ନିଜ ଆଖିରେ ଦେଖିଲି । ସେ ଉଠି ପଡିଲେ ଓ ବାହାରକୁ ଚାଲିଗଲେ । ସେ ସର୍ବଦା ପଙ୍ଗୁ ହୋଇ ରହିବେ, ଦେଖନ୍ତୁ । ଏବଂ ତେଣୁ, ସେ, ଠିକ୍ ସେଠାରେ ଯେଉଁଠାରେକି ସେ ସୁସ୍ଥ ହୋଇ ଯାଇଥାନ୍ତେ ଯଦି ସେ କେବଳ—କେବଳ…ଦେଖନ୍ତୁ? ମାତ୍ର, କେବଳ, ମୁଁ ଜାଣେ ନାହିଁ କାହିଁକି । ମୁଁ ଅନୁମାନ କରେ ଯେ ସେ କେବଳ ଶତ୍ରୁ ପ୍ରତି କର୍ଣ୍ଣପାତ କଲେ । କିନ୍ତୁ ଯଦି ଆପଣ ଛିଡା ହେବେ ଓ ସେହି ଛାୟାଗୁଡ଼ିକୁ ଲକ୍ଷ୍ୟ କରିବେ, ସେହି ବିଷୟଗୁଡ଼ିକୁ ବିଭିନ୍ନ ରୁପରେ ଦେଖିବେ, ଯେପରି ଭାବରେ ସେଗୁଡିକ ରହିଛି, ଏବଂ ସେମାନେ କିପରି କାର୍ଯ୍ୟ କରନ୍ତି ତାହା ଦେଖିବେ । ଦେଖନ୍ତୁ, ଏହା ତ କରିବ…

180 ତେବେ, ମୁଁ ସୁସ୍ଥ କରିପାରେ ନାହିଁ । ଯେଉଁ ବ୍ୟକ୍ତି ଆପଣଙ୍କୁ କୁହନ୍ତି ଯେ ସେ ଆପଣଙ୍କୁ ସୁସ୍ଥ କରିପାରିବେ, ସେ ଭୁଲ୍ ଅଟନ୍ତି । ଆପଣ ପୂର୍ବରୁ ସୁସ୍ଥ ହୋଇସାରିଛନ୍ତି । କିନ୍ତୁ, ଏହା ତ ଯୀଶୁ ଖ୍ରୀଷ୍ଟଙ୍କ ଉପସ୍ଥିତିକୁ ଚିହ୍ନିବା ଅଟେ । ବର୍ତ୍ତମାନ ଯଦି ମାର୍ଥା ଜାଣିଥାନ୍ତେ ଯେ ଯଦି ସେ ତାହାଙ୍କୁ ପୁନର୍ବାର ଦେଖିପାରିବେ, ଯେ ସେ ତାଙ୍କର ନିଜ ଇଚ୍ଛାକୁ ପ୍ରାପ୍ତ କରିପାରିବେ, କାରଣ ସେ ତ ସେହି ପ୍ରକଟିତ ବାକ୍ୟ ଥିଲେ, କଅଣ ଆମେ ଏହା ବିଶ୍ୱାସ କରିବାକୁ, ଆଜି ରାତିରେ ସେତିକି ବିଶ୍ୱାସ କରିପାରିବା ନାହିଁ କି? ନିଶ୍ଚିତରେ, ଆମେ କରିବା ଉଚିତ୍ । ସେ ଆସିଅଛନ୍ତି । ସେ ଆସିଅଛନ୍ତି, ସେ ପବିତ୍ରଆତ୍ମାଙ୍କ ରୂପରେ ଆସିଅଛନ୍ତି । ତାହା ହିଁ ତ ସେ ଯାହାକି ସେ ଅଟନ୍ତି । ତେବେ ଆପଣ କେବଳ ପ୍ରାର୍ଥନା କରନ୍ତୁ ।

181 ଏଠାରେ ଉପରକୁ, ଦେଖନ୍ତୁ, ଯଦି ଏଠାରେ ମୋର କେହି ଠିଆ ହୋଇ, ଠିକ୍ ମୋ ପାଖରେ, କେବଳ—କେବଳ ପ୍ରାର୍ଥନା କରୁଥାଆନ୍ତେ; ଆପଣ ଦେଖନ୍ତୁ, ଏତେ ସଂଖ୍ୟକ ଲୋକ ପ୍ରାର୍ଥନା କରୁଛନ୍ତି, ଏହା ତ ସମଗ୍ର ଭବନରେ ଅଟେ । ଆପଣଙ୍କୁ କେବଳ ଏହାକୁ ଦେଖିବାକୁ ପଡିବ । ଆପଣ କହିପାରିବେ ନାହିଁ, "ଭାଇ ବ୍ରାନହାମ୍, କୁହନ୍ତୁ…" ନା, ଆଜ୍ଞା । ମୁଁ—ମୁଁ ଏହା କରିପାରିବି ନାହିଁ, ଯେପରିକି ଆପଣ ମୋତେ ଏକ ସ୍ୱପ୍ନ ଦେଖାଇ ପାରନ୍ତି ନାହିଁ । ବୁଝିଲେ? ଆପଣ ସ୍ୱପ୍ନ ଦେଖିପାରନ୍ତି । ଆପଣ, ପରମେଶ୍ୱର ଆପଣଙ୍କୁ ମୋ ବିଷୟରେ ଏକ ସ୍ୱପ୍ନ ଦେଖାଇପାରନ୍ତି, ଆପଣ ତାହା ବିଶ୍ୱାସ କରନ୍ତି, ମାତ୍ର ଆପଣ ଏହା ନିଜଠାରୁ କରିପାରନ୍ତି ନାହିଁ । ଆପଣ କହିପାରିବେ ନାହିଁ, ଯେ, "ଭାଇ ବ୍ରାନହାମ୍, ମୁଁ ବର୍ତ୍ତମାନ ଆପଣଙ୍କ ବିଷୟରେ ଏକ ସ୍ୱପ୍ନ ଦେଖିବାକୁ ଯାଉଅଛି ।" ନା, ଆପଣ ତାହା କରିପାରିବେ ନାହିଁ । ନା ତ ମୁଁ ଏକ ଦର୍ଶନ ଦେଖିପାରିବି । ଯିଏ ଆପଣକୁ ସ୍ୱପ୍ନ ଦିଅନ୍ତି, ସେହି ଜଣଙ୍କୁ ହିଁ ତାହା କରିବାକୁ ହେବ । ଠିକ୍ ସେହିଭଳି ଏକ ଦର୍ଶନ ଦ୍ୱାରା ହୋଇଥାଏ ।

182 ମୁଁ ଏଠାରେ ଗଣ୍ଠିବାତ ରୋଗୀ ଜଣେ ବ୍ୟକ୍ତିଙ୍କୁ, ଧାଡି ଶେଷରେ ବସିଥିବାର ଦେଖୁଛି । ଯଦି ସେ ନିଜ ସମସ୍ତ ହୃଦୟର ସହିତରେ ବିଶ୍ୱାସ କରିବେ, ପରମେଶ୍ୱର ତାଙ୍କୁ ସେହି ଗଣ୍ଠିବାତରୁ ସୁସ୍ଥ କରିବେ । ମହାଶୟ, କଅଣ ଆପଣ ବିଶ୍ୱାସ କରନ୍ତି ଯେ ସେ ଏହା କରିବେ?

ସେଠାରେ ବସିଥିବା, ସେହି ମେକ୍ସିକୋର ବ୍ୟକ୍ତି ଜଣକ, ଧାଡି ଶେଷରେ ବସିଛନ୍ତି, କଅଣ ଆପଣ ଏହାକୁ ବିଶ୍ୱାସ କରିବେ କି? ଠିକ୍ ଅଛି, ଶ୍ରୀମାନ୍ ।

183 ଆପଣଙ୍କ ପାଖରେ ବସିଥିବା ସେହି ମହିଳା ଜଣକ, ତାଙ୍କର ମଧ୍ୟ, ଗଣ୍ଠିବାତ ରୋଗ ଅଛି । ହେ ଭଦ୍ର ମହିଳା, କଅଣ ଆପଣ ବିଶ୍ୱାସ କରନ୍ତି କି ଯେ ପରମେଶ୍ୱର ଆପଣ ସୁସ୍ଥ କରିବେ? କ'ଣ *ଏହା* ଏକ ପୁନର୍ଶବ୍ଦ ହେଉଅଛି କି? ମୁଁ ଭୟ କରେ ଯେ ଲୋକମାନେ ଏହା ଶୁଣନ୍ତି ନାହିଁ ।) ଆପଣ କରିବେ କି? ଠିକ୍ ଅଛି ।

184 ତାଙ୍କ ପାଖରେ ବସିଥିବା ଅନ୍ୟ ଜଣେ ସାନ ମେକ୍ସିକାନ୍ ମହିଳାଙ୍କ ବିଷୟରେ କଅଣ ଅଟେ? ସେ ପେଟର ଅସୁବିଧା ପୀଡିତ ଅଟନ୍ତି । ହେ ଭଦ୍ରମହିଳା, ପରମେଶ୍ୱର ଆପଣଙ୍କର ପେଟକୁ ସୁସ୍ଥ କରିବେ ବୋଲି କଅଣ ଆପଣ ବିଶ୍ୱାସ କରନ୍ତି କି?

185 ସେ ତାହା ପାଇଲେ । ଯେତେବେଳେ ମୁଁ ସେହି ଆଲୋକକୁ ତଳକୁ ଯିବାର ଦେଖିଲି, ଏହାର ଅର୍ଥ ଏହା ଘଟିଅଛି । ହଁ । ତାହାହି ଏହା ଅଟେ । ଏହା ତାଙ୍କୁ ଆଘାତ କଲା । ସେଠାରେ ଏହା ଥିଲା, ଚାରିଆଡ଼େ ଘୁରି ବୁଲୁଥିଲା…[ଟେପରେ ରିକ୍ତ ସ୍ଥାନ—ସଂପା ।]…ତାହା ଏହା କଲା । ବୁଝିଲେ? ଯେତେବେଳେ ସେ ବିଶ୍ୱାସ ପାଇପାରନ୍ତି! ଦେଖନ୍ତୁ, "ସେମାନଙ୍କର ଅବିଶ୍ୱାସ ହେତୁ ସେ ଅନେକ ବିଷୟ କରିପାରିଲେ ନାହିଁ ।"

186 ଏଠାରେ ଜଣେ ମହିଳା ବସି ପ୍ରାର୍ଥନା କରୁଛନ୍ତି, ଠିକ୍ ଏଠାରେ । ସେ ଡରି ଯାଇଛନ୍ତି । ସେ ଡରିବା ଉଚିତ୍ । ସେ ଏକ କର୍କଟ ରୋଗର ଅବସ୍ଥାରେ, ବାସ୍ତବରେ ପୀଡିତ ଅଟନ୍ତି । ମୁଁ ଆପଣଙ୍କୁ ଜାଣେ ନାହିଁ, କିନ୍ତୁ ପରମେଶ୍ୱର ଆପଣଙ୍କୁ ଜାଣନ୍ତି । କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ମୋତେ ଏହି କର୍କଟ ବିଷୟରେ, କିମ୍ବା ଅନ୍ୟକିଛି ବିଷୟରେ କହିପାରନ୍ତି? ମୋ ଆଡ଼େ ଅନାନ୍ତୁ । ସେଠାରେ ଅନେକେ ପ୍ରାର୍ଥନା କରୁଛନ୍ତି, ଆପଣ ଦେଖନ୍ତୁ, ଏହା ପାଇଁ ହିଁ ମୁଁ ତାହା କହୁଅଛି । ଆମକୁ ଦେଖନ୍ତୁ । ତେବେ, ହଁ, ଆପଣ ଏଠାରୁ ନୁହଁନ୍ତି, ଏହା ଆପଣଙ୍କ ଘର ନୁହେଁ । ଆପଣ କାଲିଫର୍ଣିଆର ପୋର୍ଟର୍ଭିଲ୍ଲେ ନାମକ ଏକ ସ୍ଥାନରୁ ଆସିଛନ୍ତି । ତାହା ଠିକ୍ । କଅଣ ଆପଣ ବିଶ୍ୱାସ କରନ୍ତି କି ପରମେଶ୍ୱର ମୋତେ କହିପାରନ୍ତି ଯେ ଆପଣ କିଏ ଅଟନ୍ତି? ସେ ଜାଣନ୍ତି । ଆପଣଙ୍କର ନାମ ଶ୍ରୀମତୀ ୱିନ୍ଥମ୍ ଅଟେ । ତାହା ଠିକ୍ । ବର୍ତ୍ତମାନ ବିଶ୍ୱାସ କରନ୍ତୁ, ଏବଂ କର୍କଟ ଆପଣଙ୍କୁ ଛାଡିଦେବ । "ଯଦି ଆପଣ ବିଶ୍ୱାସ କରିପାରିବେ ।" ତାହାସବୁ ହିଁ କେବଳ ଯାହା ପରମେଶ୍ୱର ଆପଣଙ୍କୁ କରିବାକୁ କୁହନ୍ତି । "ଯଦି ଆପଣ ବିଶ୍ୱାସ କରିପାରିବେ ।"

187 କଅଣ ଆପଣ ତାହା ନିଜର ସମସ୍ତ ହୃଦୟରେ ବିଶ୍ୱାସ କରନ୍ତି ନାହିଁ? ଏହି ବିଭାଗରେ *ଏଠାରେ* କେହି ଜଣେ, କଅଣ ଆପଣ ବିଶ୍ୱାସ କରିପାରୁ ନାହାଁନ୍ତି କି? ଗୁରୁ ଆସିଛନ୍ତି ଓ ଆପଣଙ୍କୁ ଡାକିଲେଣି । ସେ ଆପଣଙ୍କୁ ମୃତ୍ୟୁରୁ ଜୀବନକୁ, ଅସୁସ୍ଥତାରୁ ସ୍ୱାସ୍ଥ୍ୟ ଆଡକୁ ଡାକୁଅଛନ୍ତି ।

188 ଏଠାରେ ଜଣେ ବ୍ୟକ୍ତି ଠିକ୍ ଏଠାରେ ବସିଛନ୍ତି, ମୁଣ୍ଡ ତଳକରି, ପ୍ରାର୍ଥନା କରୁଛନ୍ତି । ସେ ପ୍ରକୃତରେ ନିଜ ପାଇଁ ପ୍ରାର୍ଥନା କରୁନାହାଁନ୍ତି, ସେ ଅନ୍ୟ କାହାରି ପାଇଁ ପ୍ରାର୍ଥନା କରୁଛନ୍ତି । ଏହା ଗୋଟିଏ—ଗୋଟିଏ ବାଳିକା ଅଟେ । ଏହା ତାଙ୍କର ଝିଅ ଅଟେ । ମହାଶୟ, ଆପଣ ବିଶ୍ୱାସ କରନ୍ତି କି? ଆପଣଙ୍କ ଗୋଡରେ ସମସ୍ୟା ଅଛି । ଆପଣଙ୍କ ଆଣ୍ଠୁରେ ସମସ୍ୟା ଅଛି । ତାହା ଠିକ୍ । କାନ୍ଦିବାର କୌଣସି ଆବଶ୍ୟକତା ନାହିଁ, ସେ ତ ଆପଣଙ୍କ ପାଖରେ ହିଁ ସେଠାରେ ଅଛନ୍ତି । ଆପଣଙ୍କ ଝିଅ ଏକ ଡାକ୍ତରଖାନାରେ ଅଛି, ନୁହେଁ କି? ଯକ୍ଷ୍ମାରୋଗ ମାମଲା । ଆପଣ ବିଶ୍ୱାସ କରନ୍ତୁ । ଆପଣ ବିଶ୍ୱାସ କରନ୍ତି କି? ଗୁରୁ ଆସିଲେଣି ଓ ତାକୁ ଡାକୁଛନ୍ତି । ଆପଣ ତାର ପିତା ଭାବରେ, ବିଶ୍ୱାସ କରିବେ କି? ଆପଣ କରିବେ? ଏହା ହେଉ ଯେ ସେ ଆଜି ରାତିରେ ତା ପାଖକୁ, ଏବଂ ଆପଣ ପାଖକୁ ଯାଆନ୍ତୁ । ଏହା ସମାପ୍ତ ହୋଇ ଯାଉ ।

189 ଏଠାରେ ଏକ ଛୋଟ ବାଳକ ଅଛି, ଛୋଟ ବାଦାମୀ-ଚେହେରାର ସାନ ବାଳକଟିଏ । ସେ ଚର୍ମରୋଗରେ ପୀଡିତ ଏବଂ ଆଜମା, ଗୋଟିଏ ସାନ ମେକ୍ସିକାନ୍ ବାଳକଟିଏ, ମେକ୍ସିକାନ୍ ବାଳକ ସେଠାରେ ବସିଛି । ସେ ଏଠାରୁ ନୁହେଁ । ସେ ସନ୍ ଜୋସରୁ ଅଟେ । ପୁଅ, କଅଣ ତୁମେ ବିଶ୍ୱାସ କର କି? ଆଉ ଏକ କଥା, ତୁମ ବାପା ଏଠାରେ ତୁମ ସହିତ ଅଛନ୍ତି । ସେ ଜଣେ ସେବକ । ତାହା ଠିକ ଅଟେ । ତୁମେ ବିଶ୍ୱାସ କର କି ଯେ ପରମେଶ୍ୱର ମୋତେ ତୁମର ନାମ କହିପାରିବେ? କଅଣ ଏହା ତୁମକୁ ପ୍ରକୃତ ଶକ୍ତିର ସହ ବିଶ୍ୱାସ କରାଇବ କି? । ତୁମର ନାମ ରୁବେନ୍ । ବର୍ତ୍ତମାନ ବିଶ୍ୱାସ କର । ଓଁ-ହୁଁ । ପରମେଶ୍ୱର ତୁମକୁ ସମ୍ପୂର୍ଣ୍ଣ ସୁସ୍ଥ କରିବେ ।

190 ଗୁରୁ ଆସିଛନ୍ତି ଏବଂ ସେ ଆପଣଙ୍କୁ ଡାକନ୍ତି । ହେ, ପାପୀଜନ, ଓଃ, ଅସୁସ୍ଥ ବ୍ୟକ୍ତି, କଅଣ ବିଶ୍ୱାସୀମାନଙ୍କ ଗହଣରେ ଜଣେ ମନୁଷ୍ୟ ମଧ୍ୟରେ ପ୍ରକଟିତ ସେହି ଗୁରୁଙ୍କୁ ଆପଣ ଦେଖୁ ନାହାନ୍ତି କି? ସେ ତାହାଙ୍କର ବିଶ୍ୱାସୀ ପିଲାମାନଙ୍କୁ ସ୍ୱାସ୍ଥ୍ୟଲାଭ ପାଇଁ ଡାକିବାକୁ ଆସିଅଛନ୍ତି । ସେ ପାପୀଜଣକୁ ଅନୁତାପ କରିବା ନିମନ୍ତେ ଡାକିବାକୁ ଆସିଛନ୍ତି । ହେ ପଛଘୁଞ୍ଚାକାରୀ, ମଣ୍ଡଳୀର ସଦସ୍ୟ, ଗୁରୁ ଆସିଛନ୍ତି ଓ ଆପଣକୁ ଡାକନ୍ତି ।

191 ଆପଣ ଏହାକୁ ବିଶ୍ୱାସ କରନ୍ତି କି? ଆପଣଙ୍କର ଆବଶ୍ୟକତା ପାଇଁ ଆପଣ ଏହାକୁ ଏହିକ୍ଷଣି ବିଶ୍ୱାସ କରନ୍ତି କି? ଯଦି ଆପଣ କରନ୍ତି, ତେବେ ଆପଣା ହାତକୁ ଉଠାନ୍ତୁ, କୁହନ୍ତୁ, "ମୋର ଆବଶ୍ୟକତା ପାଇଁ ମୁଁ ବିଶ୍ୱାସ କରେ ।" ତା'ପରେ ବର୍ତ୍ତମାନ ନିଜ ପାଦରେ ଠିଆ ହୁଅନ୍ତୁ ଓ ଏହାକୁ ଗ୍ରହଣ କରନ୍ତୁ । ଗୁରୁ ଆସିଛନ୍ତି ଓ ଆପଣକୁ ଡାକୁଛନ୍ତି । ଏବଂ ଆପଣ ଯେକେହି ବି ହୁଅନ୍ତୁ, ଆପଣଙ୍କର ଯାହାକିଛି ଦରକାର, ଗୁରୁ ଆସିଛନ୍ତି ଏବଂ ସେ ଆପଣଙ୍କୁ ଡାକୁଛନ୍ତି । ସେ କାଲି, ଆଜି ଏବଂ ଚିରଦିନ ସମାନ ଅଟନ୍ତି ।

192 ସେହି ଛୋଟ ମହିଳାଟି ନଗରକୁ ଯାଇ କହିଲା, "ଆସ, ଜଣେ ବ୍ୟକ୍ତିଙ୍କୁ ଦେଖ, ଯିଏକି ମୋର ଭୁଲ ମୋତେ କହିଦେଲେ ।" ଆପଣ ନଗରକୁ ଯାଇ ନାହାଁନ୍ତି । ଆପଣ ନିଜେ, ଆସିଲେ ଓ ଏହାକୁ ଦେଖିଲେ, ତେଣୁ ଗୁରୁ ଆସିଛନ୍ତି ଓ ଆପଣଙ୍କୁ ଡାକନ୍ତି ।

193 ଆପଣ ନିଜ ହାତ ଉଠାଇ ତାହାଙ୍କୁ ପ୍ରଶଂସା କରନ୍ତୁ ଏବଂ କୁହନ୍ତୁ, "ପ୍ରଭୁ ଯୀଶୁ, ମୁଁ ଜଣେ ପାପୀ; ମୋତେ କ୍ଷମା କର । ମୁଁ ଜଣେ ପଛଘୁଞ୍ଚାକାରୀ; ହେ ପ୍ରଭୁ, ମୋତେ ଫେରାଇ ନିଅ । ମୋର ପବିତ୍ର ଆତ୍ମା ଦରକାର; ମୋତେ ପରିପୁର୍ଣ୍ଣ କର । ମୁଁ ଅସୁସ୍ଥ; ମୋତେ ସୁସ୍ଥ କର । ମୁଁ ପଙ୍ଗୁ ଅଟେ; ମୋତେ ସୁସ୍ଥ କର ।" ଗୁରୁ ଆସିଛନ୍ତି ଓ ଆପଣଙ୍କୁ ଡାକନ୍ତି । ବର୍ତ୍ତମାନ ନିଜର ହାତ ଉଠାନ୍ତୁ ଓ ତାହାଙ୍କର ପ୍ରଶଂସା କରନ୍ତୁ । ଆମେନ୍ ।

194 (ଆମକୁ ଏଠାରେ ଛୋଟ ସ୍ୱର ଦିଅ, "ମୁଁ ତାଙ୍କୁ ପ୍ରଶଂସା କରିବି, ମୁଁ ତାଙ୍କୁ ପ୍ରଶଂସା କରିବି ।" ଆପଣ ଜାଣିଛନ୍ତି? *ମୁଁ ତାଙ୍କୁ ପ୍ରଶଂସା କରିବି ।* ଆପଣ ତାହା ଜାଣନ୍ତି, ନୁହେଁ କି?)

ଆପଣ ବିଶ୍ୱାସ କରନ୍ତି କି?

ମୁଁ ତାଙ୍କୁ ପ୍ରଶଂସା କରିବି, ମୁଁ ତାଙ୍କୁ ପ୍ରଶଂସା କରିବି,
ଓଃ, ପାପୀମାନଙ୍କ ପାଇଁ ବଳୀକୃତ ମେଷଶାବକକୁ ପ୍ରଶଂସା କର;
ହେ ସମସ୍ତ ଲୋକ, ତାହାଙ୍କୁ ଗୌରବ ଦିଅ ।
କାରଣ ତାହାଙ୍କର ରକ୍ତ ପ୍ରତ୍ୟେକ ଦାଗ ଧୋଇ ଦେଇଅଛି ।

195 ଆପଣ ତାହାଙ୍କୁ ଭଲ ପାଆନ୍ତି? ବର୍ତ୍ତମାନ ସେ ଏଠାରେ ଥିବାବେଳେ ଆପଣ ତାହାଙ୍କ ଉଦ୍ଦେଶ୍ୟରେ ଗୀତ ଗାଇବାକୁ ଭଲ ପାଆନ୍ତି ନାହିଁ? ସେ ଏକ ଆତ୍ମା ଭାବରେ ଭବନର ମଧ୍ୟଦେଇ ଚାରିପାଖ ବୁଲୁଅଛନ୍ତି । ସେ ଆପଣଙ୍କ ହୃଦୟକୁ ଜାଣନ୍ତି, ଆପଣଙ୍କ ବିଷୟରେ ସବୁକିଛି ଜାଣନ୍ତି । ଆସନ୍ତୁ ଏହାକୁ ଆମର ସମସ୍ତ ହୃଦୟ ସହିତ, ତାହାଙ୍କ ଉଦ୍ଦେଶ୍ୟରେ ଗାଇବା ।

ମୁଁ ତାହାଙ୍କୁ ପ୍ରଶଂସା କରିବି...

ଯେତେବେଳେ ଆପଣ ଏହା କରନ୍ତି ସେତେବେଳେ ନିଜର ହାତ ଉଠାନ୍ତୁ ।

ମୁଁ...

ବର୍ତ୍ତମାନ କେବଳ ତାହାଙ୍କୁ ପ୍ରଶଂସା କରନ୍ତୁ ।

...ତାହାଙ୍କୁ ପ୍ରଶଂସା କର,
ଓଃ, ପାପୀମାନଙ୍କ ସକାଶୁ ବଳୀକୃତ ମେଷଶାବକକୁ ପ୍ରଶଂସା କର;
ଓଃ, ସମସ୍ତ ଲୋକ, ତାହାଙ୍କୁ ଗୌରବ ଦିଅ,
କାରଣ ତାହାଙ୍କର ରକ୍ତ ପ୍ରତ୍ୟେକ ଦାଗ ଧୋଇ ଦେଇଛି ।

196 ହେ, ନାରୀ, ଆପଣ ଯିଏ ଚକାଲଗା ଚୌକିରେ ଅଛନ୍ତି, ଯଦି ଆପଣ ସେଠାରେ ମାତ୍ର ଟିକିଏ ଅଧିକ ବିଶ୍ୱାସ କରିବେ ।

ମୁଁ...

ଆସନ୍ତୁ ଆଉ ଥରେ ଚେଷ୍ଟା କରୁ । ମୁଁ କିଛି ବିଷୟର ଅପେକ୍ଷା କରୁଛି ।

ମୁଁ ତାହାଙ୍କୁ ପ୍ରଶଂସା କରିବି, ମୁଁ ତାହାଙ୍କୁ ପ୍ରଶଂସା କରିବି,
ଓଃ, ପାପୀମାନଙ୍କ ପାଇଁ ବଳୀକୃତ ମେଷଶାବକକୁ ପ୍ରଶଂସା କର;
ଓଃ, ସମସ୍ତ ଲୋକ, ତାହାଙ୍କୁ ଗୌରବ ଦିଅ,
କାରଣ ତାହାଙ୍କର ରକ୍ତ ପ୍ରତ୍ୟେକ ଦାଗ ଧୋଇ ଦେଇଛି ।

197 ବର୍ତ୍ତମାନ ଯେତେବେଳେ ଆମେ ତାହାକୁ ପୁଣିଥରେ ଗାଇଥାଉ, ବୁଲିପଡନ୍ତୁ, କାହାରି ହାତ ଧରି ନିଅନ୍ତୁ, ଯେତେବେଳେ ଆମେ ଏହାକୁ ଗାଇଥାଉ, ଗାଆନ୍ତୁ, "ମୁଁ ତାହାଙ୍କୁ ପ୍ରଶଂସା କରିବି ।" ଆସନ୍ତୁ, ତେବେ ସମସ୍ତେ ଏକାଠି ମିଶି ଗାଇବା ।

ମୁଁ ତାହାଙ୍କୁ ପ୍ରଶଂସା କରିବି, ମୁଁ ତାହାଙ୍କୁ ପ୍ରଶଂସା କରିବି,
ପାପୀମାନଙ୍କ ପାଇଁ ବଳୀକୃତ ମେଷଶାବକଙ୍କର ପ୍ରଶଂସା କର;
ସମସ୍ତ ଲୋକ, ତାହାଙ୍କୁ ଗୌରବ ଦିଅ,
କାରଣ ତାଙ୍କର ରକ୍ତ ପ୍ରତ୍ୟେକ ଦାଗ ଧୋଇ ଦେଇଛି ।

198 ହେ, ପାପୀ ବନ୍ଧୁ, କଅଣ ଆପଣ ବର୍ତ୍ତମାନ ଏଠାରେ ଚାଲିବେ ନାହିଁ କି? ହେ ସମସ୍ତ ଲୋକ, ଉପରକୁ ଆସନ୍ତୁ ଓ ତାହାଙ୍କୁ ପ୍ରଶଂସା କରନ୍ତୁ । ଆପଣ ସମସ୍ତେ ଲୋକମାନେ ଯେଉଁମାନେକି ତାହାଙ୍କୁ ତ୍ରାଣକର୍ତ୍ତା ଭାବରେ ସ୍ୱୀକାର କରିବାକୁ ଚାହାଁନ୍ତି । ତାହାଙ୍କ ଉପସ୍ଥିତିରେ, ଯେତେବେଳେ ସାଧୁମାନେ ଆତ୍ମାରେ ଉପାସନା କରୁଛନ୍ତି, ଆପଣ ଏଠାକୁ ଆସି ଠିଆ ହେବେ ନାହିଁ କି? କୁହନ୍ତୁ, "ମୁଁ ଆଜି ରାତି ସାକ୍ଷ୍ୟ ଦେବାକୁ ଚାହୁଁଛି । ମୁଁ ତାହାଙ୍କୁ ପ୍ରଶଂସା କରିବାକୁ ଚାହୁଁଛି । ମୁଁ ଆସିବାକୁ ଚାହୁଁଛି । ମୁଁ ତାହାଙ୍କ ପାଇଁ ଲଜ୍ଜିତ ନୁହେଁ । ମୁଁ ଚାହେଁ ସଂସାର ଜାଣୁ ଯେ ସେ ଏଠାରେ ଉପସ୍ଥିତ ଥିବାବେଳେ ମୁଁ ତାହାଙ୍କୁ ମୋର ତ୍ରାଣକର୍ତ୍ତା ଭାବରେ ଗ୍ରହଣ କରେ ।" ଆସନ୍ତୁ ଯେତେବେଳେ ଆମେ ଏହାକୁ ଗାଉ ।

ମୁଁ ତାହାଙ୍କୁ ପ୍ରଶଂସା କରିବି…

ଆପଣ ଆସିବେ ନାହିଁ କି?

…ମୁଁ ତାହାଙ୍କୁ ପ୍ରଶଂସା କରିବି,
ଓଃ, ପାପୀମାନଙ୍କ ପାଇଁ ବଳୀକୃତ ମେଷଶାବକକୁ ପ୍ରଶଂସା କର;
ହେ ସମସ୍ତ ଲୋକ, ତାହାଙ୍କୁ ଗୌରବ ଦିଅ,
କାରଣ ତାହାଙ୍କର ରକ୍ତ ପ୍ରତ୍ୟେକ ଦାଗ ଧୋଇ ଦେଇଛି ।

199 ଓଃ, ତାହାହିଁ ଏହା ଅଟେ, ନାରୀ, ଚାଲି ଆସନ୍ତୁ । ଖ୍ରୀଷ୍ଟଙ୍କ ଉପସ୍ଥିତିରେ, ଆଉ କିଏ ଆସିବେ? ଏଠାକୁ ଚାଲି ଆସନ୍ତୁ, ଭଉଣୀ, ଏଠାରେ ଠିଆ ହୁଅନ୍ତୁ ।

200 ଅନ୍ୟ କୌଣସି ବ୍ୟକ୍ତି ଯିଏ ଚାହାନ୍ତି ଯେ ସେ ତାହାଙ୍କର ତ୍ରାଣକର୍ତ୍ତା ହୁଅନ୍ତୁ, ଠିକ୍ ଏହିକ୍ଷଣି ହିଁ, ଯିଏକି ଲଜ୍ଜିତ ନୁହନ୍ତି । ସେ କହିଲେ, "ଯଦି ତୁମେ ମଣିଷ ଆଗରେ ମୋ ପାଇଁ ଲଜ୍ଜିତ ହୁଅ, ତେବେ ମୁଁ ମୋର ପିତା ଏବଂ ପବିତ୍ର ଦୂତମାନଙ୍କ ଆଗରେ ଲଜ୍ଜିତ ହେବି ।" ଯଦି ଆପଣ

ବର୍ତ୍ତମାନ ତାହାଙ୍କ ପାଇଁ ଲଜ୍ଜିତ ନୁହଁନ୍ତି, ଏବଂ ସେ ଏଠାରେ ଥିବାବେଳେ, ଆପଣ ତାହାଙ୍କୁ ନିଜର ତ୍ରାଣକର୍ତ୍ତା ସ୍ୱରୁପେ ଚାହୁଁଛନ୍ତି! ଆପଣ ତାହାଙ୍କୁ ଦେଖିଛନ୍ତି। ଏହା ଏତେ ସିଦ୍ଧ, ସେହି ବାକ୍ୟ ନିଜେ ଏହାକୁ ଜଣାଇଲା। ସାଧୁମାନେ ବର୍ତ୍ତମାନ ଆରାଧନା କରୁଥିବାବେଳେ ଆସନ୍ତୁ। କଣ ଆପଣ ଆସିବେ ନାହିଁ କି?

201 ମହାଶୟ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ଏଠାରେ ଜଣେ ବୃଦ୍ଧ ମହିଳା, ନିଜର ପ୍ରକୃତ ବୃଦ୍ଧାବସ୍ଥାରେ ଆସୁଛନ୍ତି। ଆପଣ ବର୍ତ୍ତମାନ ଆସିବେ ନାହିଁ କି?

ମୁଁ କରିବି...

ଏହାକୁ ବର୍ତ୍ତମାନ ଗାନ କରନ୍ତୁ।

...ମୁଁ ପ୍ରଶଂସା କରିବି...

202 ଏହା ଠିକ୍, ଯୁବା ବର୍ଗ, ଠିକ୍ ଏହି ପାଖକୁ ଆସନ୍ତୁ। କେବଳ ପ୍ରଶଂସା କରନ୍ତୁ। ମହିଳା, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ଏହା ହିଁ କରିବାର ଉପାୟ। ହେ ଯୁବକମାନେ, ପରମେଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ।

...ପାପୀମାନଙ୍କ ନିମନ୍ତେ ବଳୀକୃତ ହେଲେ;
ହେ ସମସ୍ତ ଲୋକ, ତାହାଙ୍କୁ ଗୌରବ ଦିଅ।
କାରଣ ତାହାଙ୍କର ରକ୍ତ ପ୍ରତ୍ୟେକ ଦାଗ ଧୋଇ ଦେଇଛି।

203 ଯେତେବେଳେ ସେବକମାନେ ଏହି ଲୋକମାନଙ୍କ ନିକଟକୁ ଯାଉଥାଆନ୍ତି ବର୍ତ୍ତମାନ କଅଣ ଅନ୍ୟ କେହି ଆସିବେ ନାହିଁ କି? ପଛଘୁଞ୍ଚାକାରୀ ବ୍ୟକ୍ତି, କଅଣ ତୁମେ ଆସି, କହିବ କି "ମୁଁ ମୋ ଜୀବନ ପାଇଁ ଲଜ୍ଜିତ"? ସେ ଏଠାରେ ଅଛନ୍ତି। ତୁମେ କି ମୋତେ ପରମେଶ୍ୱରଙ୍କ ସେବକ ବୋଲି ବିଶ୍ୱାସ କର? ଆପଣା ହାତ ଉଠାନ୍ତୁ। କାହିଁକି ନା, ଯୀଶୁ ଖ୍ରୀଷ୍ଟ ଆମ ମଧ୍ୟରେ ଅଛନ୍ତି। ଆପଣ ଆସିବେ ନାହିଁ କି?

ତାହାଙ୍କୁ ଗୌରବ ଦିଅ ...

କଅଣ ତୁମେ ଆସି, ତାହାଙ୍କୁ ଗୌରବ ଦେବ ନାହିଁ କି?

...ଲୋକମାନେ,
କାରଣ ତାହାଙ୍କର ରକ୍ତ ଧୋଇ ଦେଇଛି...

204 ମାର୍ଥା, କଅଣ ତୁମେ ଆସୁଛ କି, ନା ମରିୟମଙ୍କ ସହିତ ଘରେ ବସି ରହିବାକୁ ଯାଉଛ? କଅଣ ଆପଣ ଫେରି କୌଣସି ସଂସ୍ଥାରେ ରହିବାକୁ ଯାଉଛନ୍ତି, ଏବଂ ଏହା କହିବାକୁ ଯାଉଛନ୍ତି କି, "ଓଃ, ମୋର ମଣ୍ଡଳୀ ଏହାକୁ ଏହି ପ୍ରକାରେ ବିଶ୍ୱାସ କରେ ନାହିଁ," ଯେତେବେଳେକି ଖ୍ରୀଷ୍ଟ ପ୍ରକଟ କରା ଯାଇଅଛନ୍ତି? କଅଣ ଆପଣ ପଛରେ ବସି ତାହା କହିବାକୁ ଯାଉଛନ୍ତି କି, ଅବା ଆପଣ ବାହାର ହୋଇ ଆସୁଛନ୍ତି? "ତେବେ, ମୁଁ ଆପଣଙ୍କୁ କହିବି, ଯେତେବେଳେ

ମୁଁ...” ନା। ଆଜି, ଏହା ହେଉଛି ସେହି ଘଡି। ଜାୟରସଙ୍କ ଝିଅ ପରି, ମୃତ୍ୟୁ ଆପଣଙ୍କର ଚାରିପାଖରେ ଝୁଲୁଛି।

205 ବର୍ତ୍ତମାନ ହିଁ ଆସନ୍ତୁ! ପଛକୁ ପଳାୟନକାରୀ ବ୍ୟକ୍ତି, ବର୍ତ୍ତମାନ ଆସନ୍ତୁ। ପାପୀ ଜନ, ବର୍ତ୍ତମାନ ଆସନ୍ତୁ। ଏହା ହେଉଛି ସେହି ସମୟ। ଗୁରୁ ଆସିଅଛନ୍ତି ଏବଂ ସେ ଆପଣଙ୍କୁ ଡାକୁଛନ୍ତି। ସେ ଆପଣଙ୍କୁ ଡାକୁଅଛନ୍ତି। ଆପଣ କହନ୍ତି, “ମୁଁ କିପରି ଜାଣିବି?” ସେ ମୋର ସ୍ୱର ବ୍ୟବହାର କରୁଅଛନ୍ତି। ଯଦି ସେ ଅସୁସ୍ଥତା, ଦୁଃଖ ଏବଂ ଅନ୍ୟାନ୍ୟ ବିଷୟ କହିବା ପାଇଁ ମୋ ସ୍ୱରକୁ ବ୍ୟବହାର କରନ୍ତି, ତେବେ କଅଣ ଆପଣ ଜାଣନ୍ତି ନାହିଁ ଯେ ସେ ପାପ ପାଇଁ ମଧ୍ୟ ଆହ୍ୱାନ କରୁଅଛନ୍ତି? ବାହାରି ଆସନ୍ତୁ! ବର୍ତ୍ତମାନ ହିଁ ଆସନ୍ତୁ, ଏହା ଆପଣଙ୍କର କଦାଚିତ୍ ରହିଥିବା ଶେଷ ସୁଯୋଗ ହୋଇପାରେ।

206 ଆଉ ଥରେ, ବନ୍ଧୁଗଣ, ଏଠାରେ ଥିବା ଅନେକ ଲୋକଙ୍କୁ ଆସିବା ଉଚିତ୍। ମୁଁ ଆପଣଙ୍କୁ ଏହିପରି ଡାକି, ଲଜ୍ଜିତ କରିବାକୁ ଚାହେଁ ନାହିଁ। ତାହା ଠିକ୍ ନୁହେଁ। ଯଦି ଆପଣ ଚାହିଁବେ ତେବେ କୌଣସି ସମୟରେ ହୁଏତ...ସେହି ଫାରୂଶୀମାନେ ଭାବିଲେ ଯେ ସେମାନେ ଉଦ୍ଧାର ପାଇଛନ୍ତି, କିନ୍ତୁ ସେମାନେ ପାଇ ନ ଥିଲେ। ଆପଣ ସେହି ସମାନ କଥା ଚିନ୍ତା କରୁଛନ୍ତି। ବର୍ତ୍ତମାନ ଆସନ୍ତୁ।

207 ନିଶ୍ଚିତ ହୁଅନ୍ତୁ! ଏହା ଉପରେ କେବଳ ଅଧା ସୁଯୋଗ ନିଅନ୍ତୁ ନାହିଁ, ସେପରି କରନ୍ତୁ ନାହିଁ। ଯଦି ଆପଣଙ୍କ ମନରେ ଟିକିଏ ହେଲେ ସନ୍ଦେହ ଅଛି, ତେବେ କୌଣସି ସୁଯୋଗ ନିଅନ୍ତୁ ନାହିଁ। ବର୍ତ୍ତମାନ ହିଁ ଆସି ଯାଆନ୍ତୁ। ବର୍ତ୍ତମାନ ହିଁ ସେହି ସମୟ ଅଟେ, ବର୍ତ୍ତମାନ ଯେତେବେଳେ ସେହି ନିର୍ଝର ଉନ୍ମୁକ୍ତ ଅଟେ, ପବିତ୍ର ଆତ୍ମା ଯେତେବେଳେ ଏଠାରେ ଅଛନ୍ତି। ଗୁରୁ ଆସିଅଛନ୍ତି। ସେହି ଟିକିଏ ସନ୍ଦେହ, ତାହାହିଁ ଅଟେ ଯାହାକି ସେ ତୁମକୁ କହିବାକୁ ଚେଷ୍ଟା କରୁଅଛନ୍ତି, “ଆପଣ ସନ୍ଦେହ କରୁଛନ୍ତି।” ଏହାକୁ ଛାଡିଦିଅ। ବର୍ତ୍ତମାନ, ଆସି ଯାଆନ୍ତୁ। ଗୁରୁ ଆସି ଆପଣଙ୍କୁ ଡାକୁଛନ୍ତି। ତାହା ଠିକ୍, କେବଳ ଆସିବା ଜାରି ରଖନ୍ତୁ, ଆସିବାକୁ ଠିକ୍ ଜାରି ରଖନ୍ତୁ।

ମୁଁ ତାହାଙ୍କୁ ପ୍ରଶଂସା କରିବି, ମୁଁ ତାହାଙ୍କୁ ପ୍ରଶଂସା କରିବି,
ତୁମେ ତାହାଙ୍କୁ ପ୍ରଶଂସା କରିବାକୁ ଆସିବ ନାହିଁ କି?
ପାପୀମାନଙ୍କ ପାଇଁ ବଳୀକୃତ ମେଷଶାବକଙ୍କର ପ୍ରଶଂସା କର;
ହେ ସମସ୍ତ ଲୋକ, ତାହାଙ୍କୁ ଗୌରବ ଦିଅ।
କାରଣ ତାହାଙ୍କର ରକ୍ତ ପ୍ରତ୍ୟେକ ଦାଗ ଧୋଇ ଦେଇଛି।

208 ବର୍ତ୍ତମାନ ଯେତେବେଳେ ପାପୀମାନେ, ତାହାଙ୍କୁ ଦାବି କରିବାକୁ ଆସୁଛନ୍ତି; ଆସୁ ଲୋକମାନେ ତାହାଙ୍କୁ ପ୍ରଶଂସା କରନ୍ତୁ, ଯେତେବେଳେକି ଆମ୍ଭେମାନେ ବର୍ତ୍ତମାନ ଗୀତ ଗାଉ। ନିଜ ହାତ ଉଠାଇ, ବର୍ତ୍ତମାନ ସମସ୍ତେ ଏକାଠି, ତାହାଙ୍କୁ ପ୍ରଶଂସା କରିବା ପାଇଁ, ଗାନ କରନ୍ତୁ।

ମୁଁ ତାହାଙ୍କୁ ପ୍ରଶଂସା କରିବି, ମୁଁ ତାହାଙ୍କୁ ପ୍ରଶଂସା କରିବି,
ପାପୀମାନଙ୍କ ପାଇଁ ବଳୀକୃତ ମେଷଶାବକଙ୍କର ପ୍ରଶଂସା କର!

209 ତାହାଙ୍କୁ କେବଳ ପ୍ରଶଂସା କରନ୍ତୁ! ଆପଣ ଆଖପାଖରେ ଥିବା ଲୋକମାନେ, ପ୍ରାର୍ଥନା କରନ୍ତୁ, ଆପଣଙ୍କୁ କ୍ଷମା କରିବାକୁ ତାହାଙ୍କୁ କୁହନ୍ତୁ । ତାହା ହିଁ ତ ସେ କରିବେ । ଗୁରୁ ଆସିଅଛନ୍ତି ଓ ଆପଣଙ୍କୁ ଡାକନ୍ତି । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

**ତତ୍ପରେ ଯୀଶୁ ଆସିଲେ ଓ ଡାକିଲେ** ORI64-0213

(Then Jesus Came And Called)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ଫେବୃଆରୀ 13, 1964, ଗୁରୁବାର ସନ୍ଧ୍ୟାରେ, ଯୁକ୍ତରାଷ୍ଟ୍ର ଆମେରିକାର, କାଲିଫର୍ଣ୍ଣିୟା ପ୍ରଦେଶର, ଟୁଲାରେ ସ୍ଥିତ ଏଲିଅଟ୍ ଅଡିଟୋରିୟମ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍‌ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2023 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org